European Union

ସରକାରୀ ଯୋଜନା, ସୂଚନା ଓ ରୂପାୟନର ବାର୍ତ୍ତା
ଅଗ୍ରଗାମୀ-ୟୁରୋପିୟାନ ୟୁନିୟନମିଳିତ ପ୍ରକଳ୍ପର

ଅଗ୍ରଗାମୀ
AGRAGAMEE

# ସୂଚନା ବାର୍ତ୍ତା

ପଞ୍ଚମ ବର୍ଷ | ଚତୁର୍ଥ ସଂଖ୍ୟା | ଅକ୍ଟୋବର -ଡିସେମ୍ବର, ୨୦୧୮

ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସୂଚନା ଅଧିକାର ଆଇନ ଗୁରୁତ୍ୱପୂର୍ଣ୍ଣ





ସାମୂହିକ ବିକାଶ ନିମନ୍ତେ ସୂଚନା ଅଧିକାର ଆଇନକୁ ବ୍ୟବହାର କରାଯାଉ

ସରକାରୀ କଲ୍ୟାଣମୂଳକ ଯୋଜନାର ସୂଚନାର ସଂକ୍ରମଣ ଦ୍ୱାରା ପଛୁଆ ଗୋଷ୍ଠୀର ବିକାଶ ସମ୍ଭବ





ସରକାରୀ ଯୋଜନାର ସୂଚନା ତୃଣମୂଳରେ ପହଂଚିବା ଦ୍ୱାରା ପଛୁଆ ବର୍ଗର ବିକାଶ ସମ୍ଭବ

ସରକାରୀ କଲ୍ୟାଣମୂଳକ ଯୋଜନାର ସୂଚନା ସମ୍ବନ୍ଧୀୟ ପ୍ରକଳ୍ପକୁ ନେଇ କର୍ମଶାଳା





ଜିଲ୍ଲା ସୂଚନା ଅଧିକାର ମଂଚକୁ ସୁଦୃଢ଼ କରିବା ନିମନ୍ତେ ସରପଂଚମାନେ ସାମୂହିକ ନିଷ୍ପତ୍ତି ନେଲେ

ସରକାରୀ ଯୋଜନା, ସୂଚନା ସମ୍ବନ୍ଧୀୟ ଅଗ୍ରଗାମୀ-ୟୁରୋପିୟାନ ୟୁନିୟନର ମିଳିତ ପ୍ରକଳ୍ପ ଦ୍ୱାରା ପଛୁଆ ଗୋଷ୍ଠୀଙ୍କର ପୁଷ୍ଟିସାର ଓ ପୋଷାହାର ନିରାପତ୍ତା ସମ୍ବନ୍ଧୀୟ ସୂଚନା କାର୍ଯ୍ୟକ୍ରମର ସଫଳତା, ସୀମିତତା ଓ ବିଫଳତାକୁ ନେଇ ଆଲୋଚନା ରେ ପ୍ରତି ଜିଲ୍ଲାର ଜଣେ ଜଣେ ନାଗରିକ ଚେତନା ମଂଚ / ଜିଲ୍ଲା ସୂଚନା ମଂଚର ସଦସ୍ୟ ସଦସ୍ୟାଙ୍କ ମତର କିୟଦଂଶ



ଅଭ୍ରଣୀ — କପ୍ତିପଦା, ମୟୂରଭଞ୍ଜ
ବଲାଙ୍ଗିର ବିକାଶ ପରିଷଦ — ବେଲପଡ଼ା, ବଲାଙ୍ଗିର
ଚଲେଚଲୋ — ବୋଡ଼େନ୍, ନୂଆପଡ଼ା
ସେବା ଜଗତ — ମଦନପୁର-ରାମପୁର କଳାହାଣ୍ଡି
ଡାବୁଗାଁ, ନବରଙ୍ଗପୁର
ରାୟଗଡ଼, ଗଜପତି
MAHILA VIKAS — ଆର. ଉଦୟଗିରି, ଗଜପତି
Harmony — କୋରୁକୁଣ୍ଡା ଓ ମାଥିଲି ବ୍ଲକ, ମାଲକାନଗିରି

# ସମ୍ପାଦକୀୟ......



## ସମ୍ପାଦକୀୟ...

୨୦୧୪ ମସିହା ଜାନୁଆରୀ ମାସରେ ଆରମ୍ଭ ହୋଇଥିବା ଇ.ୟୁ. ପ୍ରକଳ୍ପ ୨୦୧୮ ମସିହା ଡିସେମ୍ବରରେ ଶେଷ ହେବାକୁ ଯାଉଛି। ଏହା ଆମ ସମସ୍ତଙ୍କ ପାଇଁ ଏକ ମିଳିତ ଯାତ୍ରା ଥିଲା, ଯେଉଁଥିରେ ୧୦ଟି ଜିଲ୍ଲାର, ୨୦ଟି ବ୍ଲକ, ୧୦୦ଟି ପଂଚାୟତର ପ୍ରାୟ ୧୦୦୦ଟି ଗାଆଁର ପଛୁଆ ଓ ଅବହେଳିତ ବର୍ଗର ପରିବାର ସାମିଲ ହୋଇଥିଲେ । ଏହି ଯାତ୍ରାର ପ୍ରଭାବ ଆମେ ସୂଚନାବାର୍ତ୍ତାର ବିଭିନ୍ନ ସଂଖ୍ୟାରେ ପ୍ରକାଶ କରିସାରିଛୁ। ଏହାର ପ୍ରଭାବ ସାଧାରଣ ଭାବେ ବିଭିନ୍ନ ପ୍ରକାର ସଫଳତା ମିଳିଛି । ଯେଉଁଠି ଅଙ୍ଗନବାଡ଼ି ଚାଲୁନଥିଲା, ସେଇଠି ଅଙ୍ଗନବାଡ଼ି ସୂଚାରୁରୂପେ ପରିଚାଳିତ ହେଉଛି, ସ୍କୁଲ ପରିଚାଳନା କମିଟିର ସଦସ୍ୟମାନଙ୍କ ବଳିଷ୍ଠ ଉଦ୍ୟମରେ ବିଭିନ୍ନ ଗାଆଁର ସ୍କୁଲମାନଙ୍କରେ ଆଶାଜନକ ପରିବର୍ତ୍ତନ ହୋଇପାରିଛି।

ବିଭିନ୍ନ ଶ୍ରମିକ ଦଳ ଗଠନ କରାଯାଇ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ଯୋଗାଣ ଯୋଜନା ଜରିଆରେ ଅନେକ ବ୍ୟକ୍ତି କାମଧନ୍ଦା ପାଇପାରିଛନ୍ତି । ରାସନ କାର୍ଡ଼, ପେନ୍‌ସନ୍, ଆଦି ବ୍ୟବସ୍ଥାରୁ ବଂଚିତ ହୋଇଥିବା ଅନେକ ପରିବାର ଏ ସବୁ ପାଇ ବିଶେଷ ଲାଭାନ୍ୱିତ ହୋଇଛନ୍ତି । ଗ୍ରାମସଭାମାନଙ୍କରେ ମହିଳାମାନଙ୍କର ଅଂଶଗ୍ରହଣ ଅନେକ ପରିମାଣରେ ବଢ଼ିଛି ଓ ମହିଳାମାନଙ୍କର ଜୀବନଜୀବିକା ପାଇଁ କେତେଗୁଡ଼ିକ ନିଷ୍ପତ୍ତି ନିଆଯାଇପାରିଛି।

ମୋଟାମୋଟି କହିବାକୁ ଗଲେ ସରକାରୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ପାଇଁ ସାଧାରଣ ଲୋକମାନେ ନିଜର ଅନେକ ଦାବୀ ହାସଲ କରିପାରିଛନ୍ତି । ଏହିସବୁ କଥାକୁ ଲକ୍ଷ୍ୟ କରି ଆମର ନାଗରିକ ସଚେତନ ମଂଚ ବିଭିନ୍ନ ବ୍ଲକ ଓ ଜିଲ୍ଲାସ୍ତରରେ ସେମାନଙ୍କର ଅନୁଭୂତିର ଆଦାନପ୍ରଦାନ ପାଇଁ ଆଲୋଚନା କରିଥିଲା।

ସୂଚନାବାର୍ତ୍ତାର ଏହି ଇସ୍ୟୁକୁ ସେମାନଙ୍କର ମତାମତକୁ ଏକତ୍ରିତ କରି ଓ ଜିଲ୍ଲାସ୍ତରୀୟ ସୂଚନା ଅଧିକାର ମଂଚ ବୈଠକର ଆଲୋଚନାର ସାରାଂଶକୁ ଏଠାରେ ପ୍ରକାଶ କରାଯାଇଛି। ସୂଚନା ଅଧିକାର ଆଇନ ଦ୍ୱାରା କିପରି ଦାବୀ ହାସଲ କରାଯାଇପାରେ, ତାହା ନାଗରିକ ସଚେତନ ମଂଚର ସଦସ୍ୟ, ସଦସ୍ୟା ବେଶ୍ ହୃଦ୍‌ବୋଧ, ହୃଦୟଙ୍ଗମ କରିସାରିଛନ୍ତି। ଡିସେମ୍ବର ୩୧ ତାରିଖରେ ଏହି ଇ.ୟୁ.ପ୍ରକଳ୍ପ ଶେଷ ହୋଇଗଲେ ମଧ୍ୟ ନାଗରିକ ଚେତନା ମଂଚ ସେମାନଙ୍କର ଏହି ପ୍ରକ୍ରିୟାକୁ ଆହୁରି ଆଗେଇ ନେବେ ବୋଲି ମୋର ହୃଦ୍‌ବୋଧ ହେଉଛି।

ଶୁଭେଚ୍ଛାର ସହ



ଅଚ୍ୟୁତ ଦାସ

## ସୂଚୀପତ୍ର

| ବିଷୟ | ପୃଷ୍ଠା |
|---|---|

| ୧. ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସୂଚନା ଅଧିକାର ଆଇନ ଗୁରୁତ୍ୱପୂର୍ଣ୍ଣ : | ୩ |
| ୨. ସରକାରୀ କଲ୍ୟାଣମୂଳକ ଯୋଜନାର ସୂଚନାର ସଂକ୍ରମଣ ଦ୍ୱାରା ପଛୁଆ ଗୋଷ୍ଠୀର ବିକାଶ ସମ୍ଭବ : | ୪ |
| ୩. ସରକାରୀ କଲ୍ୟାଣମୂଳକ ଯୋଜନାର ସୂଚନା ସମ୍ବନ୍ଧୀୟ ପ୍ରକଳ୍ପକୁ ନେଇ କର୍ମଶାଳା: | ୫ |
| ୪. ସାମୂହିକ ବିକାଶ ନିମନ୍ତେ ସୂଚନା ଅଧିକାର ଆଇନକୁ ବ୍ୟବହାର କରାଯାଉ | ୬ |
| ୫. ସରକାରୀ ଯୋଜନାର ସୂଚନା ତୃଣମୂଳରେ ପହଂଚିବା ଦ୍ୱାରା ପଛୁଆ ବର୍ଗର ବିକାଶ ସମ୍ଭବ: | ୭ |
| ୬. ଅଗ୍ରଗାମୀ-ୟୁରୋପିୟାନ ୟୁନିୟନର ମିଳିତ ପ୍ରକଳ୍ପ: | ୮ |
| ୭. ଜିଲ୍ଲା ସୂଚନା ଅଧିକାର ମଂଚକୁ ସୁଦୃଢ଼ କରିବା ନିମନ୍ତେ ସରପଂଚମାନେ ସାମୂହିକ ନିଷ୍ପତ୍ତି ନେଲେ: | ୯ |
| ୮. ଜିଲ୍ଲାର ଜଣେ ଜଣେ ନାଗରିକ ଚେତନା ମଂଚ / ଜିଲ୍ଲା ସୂଚନା ମଂଚର ସଦସ୍ୟ ସଦସ୍ୟାଙ୍କ ମତ: | ୧୦ |
| ୯. ଅଗ୍ରଗାମୀ-ଇ.ୟୁ. ପ୍ରକଳ୍ପ (୨୦୧୪-୨୦୧୮) ମଧ୍ୟରେ ମିଳିଥିବା ସଫଳତା ଚୁମ୍ବକରେ: | ୧୪ |


ଗ୍ରାମାଞ୍ଚଳରେ ବିଭିନ୍ନ ସରକାରୀ ଯୋଜନା ପରିଚାଳନାରେ ସ୍ୱଚ୍ଛତା ଏବଂ ସଫଳତା ପହଞ୍ଚାଇବା ପାଇଁ ଆଉ କି କି ସୂଚନା ପ୍ରକାଶିତ କଲେ ହିତାଧିକାରୀମାନେ ବିଶେଷ ଭାବେ ଉପକୃତ ହୋଇ ପାରିବେ ତାହା ଚିଠି/ମେଲ୍ ଫୋନ୍ ମାଧ୍ୟମରେ ଜଣାଇବା ପାଇଁ ଏହାର ପାଠକମାନଙ୍କୁ ଏକାନ୍ତ ଅନୁରୋଧ ।

# ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସୂଚନା ଅଧିକାର ଆଇନ ଗୁରୁତ୍ୱପୂର୍ଣ୍ଣ

## (ଅଗ୍ରଗାମୀ ଏହାର ସହଯୋଗୀ ଅନୁଷ୍ଠାନଙ୍କ ତରଫରୁ ରାଜ୍ୟସ୍ତରୀୟ ସୂଚନା ଅଧିକର ସମ୍ବନ୍ଧୀୟ କର୍ମଶାଳା)

ଭୁବନେଶ୍ୱର, ୧୨.୧୧. ପୂର୍ବକାଳରେ ରାଜାରାଜୁଡ଼ା ଶାସନରେ ମଧ୍ୟ ରାଜାମାନେ ପ୍ରଜାମାନଙ୍କୁ ସେମାନଙ୍କର କର୍ମଚାରୀ ନାଗରିକଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଉଥିଲେ । ସରକାରୀ କାର୍ଯ୍ୟାଳୟ ସମେତ କମ୍ପାନୀମାନଙ୍କର ମଧ୍ୟ ସୂଚନା ଅଧିକାର ଭୁକ୍ତ ହେବା ଦରକାର । ସୂଚନା ଅଧିକାର ଆଇନକୁ ଦୁର୍ବଳ କରିବା ପାଇଁ ଅନେକ ପ୍ରୟାସ ଚାଲିଛି ବୋଲି ପୂର୍ବତନ ସୂଚନା କମିଶନର ପ୍ରଫେସର ରାଧାମୋହନ ମତ ଦେଇଛନ୍ତି । ଅଗ୍ରଗାମୀ ଓ ଏହାର ସହଯୋଗୀ ଓ ଆଠଟି ଅନୁଷ୍ଠାନର ସହଯୋଗରେ ନଭେମ୍ବର ୧୨ ତାରିଖରେ ସ୍ଥାନୀୟ ହୋଟେଲ ପ୍ରେସୀଡ଼େନ୍‌ସୀଠାରେ ଆୟୋଜିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ରାଧାମୋହନ ଅଗ୍ରଗାମୀ ଏହାର ୮ଟି ସହଯୋଗୀ ଅନୁଷ୍ଠାନମାନଙ୍କ ଦ୍ୱାରା ୧୦ଟି ଜିଲ୍ଲାର ୧୦୦୦ ପଛୁଆ ଗ୍ରାମର ସୂଚନା ମାଧ୍ୟମରେ ସଶକ୍ତିକରଣ ଏବଂ ପରିବର୍ତ୍ତନ ଆଣିପାରିଛନ୍ତି, ସୂଚନା ଅଧିକାର ଆଇନର ସଫଳତାକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ ।

ଏହି ବୈଠକର ଶେଷ ଅଧିବେଶନରେ ଯୋଗ ଦେଇ ସୂଚନା କମିଶନର ଶଶୀପ୍ରଭା ବିନ୍ଧାଣୀ ମତ ଦେଇଥିଲେ ଯେ, ସୂଚନା ହେଉଛି ଜନସାଧାରଣଙ୍କର ଏକ ପ୍ରମୁଖ ଅସ୍ତ୍ର ଏବଂ ସଶକ୍ତିକରଣ କରିବାର ଏକ ମାଧ୍ୟମ । ଜନସାଧାରଣ ବିଭ୍ରାନ୍ତମୂଳକ ସୂଚନା ପ୍ରତି ସଜାଗ ରହିବା ସହିତ ଏହାକୁ ପ୍ରଶ୍ନ କରିବା ଦ୍ୱାରା ହିଁ ସଠିକ୍ ସୂଚନା ପ୍ରକଟ ହୋଇପାରିବ । ଆଇନ ସାଧାରଣ ଲୋକଙ୍କ ପାଇଁ ବୋଧଗମ୍ୟ ହେବା, ଆଇନ ଏବଂ ଜନସାଧାରଣଙ୍କ ମଧ୍ୟରେ କୌଣସି ମଧ୍ୟବର୍ତ୍ତୀ ନରହିବା ଦ୍ୱାରା ଗଣତନ୍ତ୍ର ଶକ୍ତିଶାଳୀ ହୋଇପାରିବ । ଶ୍ରୀମତୀ ବିନ୍ଧାଣୀ ଠିକ୍ ସମୟରେ ଏବଂ ଠିକ୍ ସୂଚନା ପଂହଚାଇବା ଦ୍ୱାରା ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି ମତ ରଖିଥିଲେ ।

ଡ. ଅରବିନ୍ଦ ବେହେରା ମତ ଦେଇଥିଲେ ଯେ, ଗଣତନ୍ତ୍ରରେ ପ୍ରତ୍ୟେକ ନାଗରିକ ଦୁର୍ବଳ ଭାବିବା ଠିକ୍ ନୁହେଁ । ପରସ୍ପରକୁ ସହଯୋଗ କରିବା, ପରସ୍ପରକୁ ଉତ୍ସାହିତ କରିବା ଦ୍ୱାରା ଗଣତନ୍ତ୍ର ସୁଦୃଢ଼ ହେବ । ସବୁବେଳେ କୌଣସି ପ୍ରକଳ୍ପରେ ନିର୍ଭର ନକରି ସାମୂହିକ ବିକାଶ ନିମନ୍ତେ କାମ କରିବାକୁ ପଡ଼ିବ, ଯାହାକି ଆମକୁ ଶକ୍ତି ଯୋଗାଇବ ।

ଏହି ବୈଠକର ପ୍ରାରମ୍ଭରେ ଅଗ୍ରଗାମୀର ନିର୍ଦ୍ଦେଶକ ଶ୍ରୀ ଅଚ୍ୟୁତ ଦାସ ଅଗ୍ରଗାମୀ-ଇୟୁ ପ୍ରକଳ୍ପରେ ୧୦ଟି ପଛୁଆ ଜିଲ୍ଲା ୨୦ଟି ବ୍ଲକର ୧୦୦ଟି ପଛୁଆ ପଂଚାୟତର ୧୦୦୦ଟି ଗ୍ରାମକୁ



ସୂଚନା ମାଧ୍ୟମରେ ସଶକ୍ତିକରଣ ସମ୍ବନ୍ଧୀୟ ପ୍ରକଳ୍ପର ରୂପରେଖ, ସଫଳତା ନିମନ୍ତେ ରଣନୀତି ଏବଂ ଏହି ପ୍ରକଳ୍ପ ଦ୍ୱାରା ମିଳିଥିବା ସଫଳତା ସମ୍ପର୍କରେ ଉପସ୍ଥାପନା କରିଥିଲେ । ଶ୍ରୀ ମହେନ୍ଦ୍ର ନାଥ ପ୍ରକଳ୍ପର ସଫଳତାକୁ ନେଇ ତଥ୍ୟଗତ ବିବରଣୀ ଉପସ୍ଥାପନା କରିଥିଲେ ।

ଅଗ୍ରଗାମୀର ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ବିଦ୍ୟା ଦାସ ମତ ଦେଇଥିଲେ ଯେ, ଗଣତନ୍ତ୍ରରେ ଅନେକ ଆଇନ ଯଥା ପଂଚାୟତରାଜ ଆଇନ,ସୂଚନା ଅଧିକାର ଆଇନ, ମନରେଗା, ପେସା ଆଦି ଆଇନ ଦ୍ୱାରା ଗଣତନ୍ତ୍ରରେ ନାଗରିକକୁ ସଶକ୍ତ କରିବା ପାଇଁ ଆଇନ ପ୍ରସ୍ତୁତ ହେଉଛି । କିନ୍ତୁ ଅନ୍ୟ ପକ୍ଷରେ ଏହାକୁ ଦୁର୍ବଳ କରିବାକୁ ମଧ୍ୟ ଚେଷ୍ଟା କରାଯାଉଛି । ଏଥିପାଇଁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଏଡ଼.ଏଟ.ଆକ୍‌ସନ୍‌ର ଦକ୍ଷିଣ ଏସିଆ ମୁଖ୍ୟ ଶ୍ରୀ ଉମି ଡାନିଏଲ ସୂଚନା ଅଧିକାର ଆଇନ ପଛୁଆ ଅଂଚଳରେ ମାଆମାନଙ୍କୁ ସଶକ୍ତିକରଣ କରିବା ଏକ ମାଧ୍ୟମ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଦିଗାମ୍ବର ଶତପଥୀ, ଶ୍ରୀ ଅଜୟ ମିଶ୍ର, ଶ୍ରୀ ମୁକୁନ୍ଦ ସାହୁ ପ୍ରମୁଖ ବିଭିନ୍ନ ଅଧିବେଶନରେ ମତ ରଖିଥିଲେ ।

ଗୋଷ୍ଠୀର ବିକାଶରେ ଅବଦାନ ନିମନ୍ତେ ୧୦ଟି ଜିଲ୍ଲାର ଶ୍ରେଷ୍ଠ ସୂଚନା ଅଧିକାର କର୍ମୀଙ୍କୁ ଅତିଥିମାନଙ୍କ ଦ୍ୱାରା ଅଙ୍ଗବସ୍ତ୍ର ସହିତ ସମ୍ମାନୀତ କରାଯାଇଥିଲା । ମାଲକାନଗିରି, ରାୟଗଡ଼, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ମୟୂରଭଞ୍ଜ, ଗଜପତି ଜିଲ୍ଲାରୁ ୧୦ଟି ଜିଲ୍ଲାରୁ ଆସିଥିବା ସୂଚନା କର୍ମୀ, ନାଗରିକ ଚେତନା ମଂଚର ସଦସ୍ୟ, ସରପଂଚ, ଓ୍ୱାଡ଼ମେମ୍ବର ପ୍ରମୁଖ ସୂଚନା ଅଧିକାର ଆଇନଦ୍ୱାରା ମିଳିଥିବା ସୁଫଳ ସମ୍ପର୍କରେ ମତ ରଖିଥିଲେ ।

ଏହି ବୈଠକରେ ୧୦ଟି ଜିଲ୍ଲାର ୧୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ସୂଚନା ଅଧିକାର କର୍ମୀ, ନାଗରିକ ଚେତନା ମଂଚ

# ସରକାରୀ କଲ୍ୟାଣମୂଳକ ଯୋଜନାର ସୂଚନାର ସଂକ୍ରମଣ ଦ୍ୱାରା ପଛୁଆଗୋଷ୍ଠୀର ବିକାଶ ସମ୍ଭବ

## (ଜିଲ୍ଲାସ୍ତରୀୟ ସୂଚନା ଅଧିକାର ମଂଚ ବୈଠକ, କୋରାପୁଟ)

କୋରାପୁଟ, ୧.୧୧ ଅଗ୍ରଗାମୀ ଆନୁକୂଲ୍ୟରେ ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟରେ ଅନୁଷ୍ଠିତ ପଛୁଆ ଗୋଷ୍ଠୀଙ୍କର ପୁଷ୍ଟିକର ଓ ରୋଜଗାର ନିରାପତ୍ତା ସମ୍ବନ୍ଧୀୟ ସରକାରୀ ଯୋଜନାର ସ୍ୱତଃ ପ୍ରବୃତ୍ତ ସୂଚନା ପ୍ରଦାନକୁ ନେଇ ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଫୋରମର ବୈଠକ ଆଲୋଚନା ହୋଇଯାଇଛି । ଏହି ବୈଠକରେ ଅତିଥି ଭାବରେ ଯୋଗ ଦେଇ ଶ୍ରୀଯୁକ୍ତ ପ୍ରଭୁ ଜାନୀ ଜନସାଧାରଣ ସରକାର ନିଜେ ଭାବି ନିଜର ଉନ୍ନତି, ନିଜ ଅଂଚଳର ଉନ୍ନତି ଏବଂ ବିକାଶ କାର୍ଯ୍ୟକ୍ରମରେ ଅଂଶୀଦାର ହେବାକୁ ଅଂଶଗ୍ରହଣକାରୀଙ୍କୁ ଆହ୍ୱାନ ଦେଇଥିଲେ । କୋରାପୁଟ ଜିଲ୍ଲାରେ ଅନେକ ପରିବାର ଅଛନ୍ତି, ଯେଉଁମାନଙ୍କ ନିକଟରେ ସରକାରଙ୍କର କଲ୍ୟାଣମୂଳକ କାର୍ଯ୍ୟକ୍ରମର ସୁଫଳ ମିଳିପାରିନାହିଁ ! ସୂଚନା ଜାଣି ସ୍ୱାର୍ଥପର ହେବାନାହିଁ, ସମାଜରେ ପଛୁଆ ଗୋଷ୍ଠୀଙ୍କର ଉନ୍ନତି ନିମନ୍ତେ ସରକାରଙ୍କର କଲ୍ୟାଣମୂଳକ ଯୋଜନାର ସୂଚନାକୁ ଅନ୍ୟମାନଙ୍କୁ ଜଣାଇବା, ଯାହାକି କୋରାପୁଟ ଜିଲ୍ଲାର ବିକାଶ ଦିଗରେ ସାହାଯ୍ୟ କରିବ ବୋଲି କୋରାପୁଟ ଜିଲ୍ଲା ପରିଷଦର ଅଧକ୍ଷ ଶ୍ରୀ ପ୍ରଭୁ ଜାନୀ ମତ ଦେଇଛନ୍ତି ।



ଅତିଥି ଭାବରେ ଯୋଗ ଦେଇ କୋରାପୁଟ ଜିଲ୍ଲାର ସହକାରୀ ଜିଲ୍ଲାପାଳ ଶ୍ରୀ ଆଲୋକ କୁମାର ଅନୁଗୁଳିଆ ମତ ଥିଲା, ସୂଚନା ଅଧିକାର ଆଇନ ପ୍ରଶାସନକୁ ସ୍ୱଚ୍ଛତା ଓ ସ୍ୱଷ୍ଟତା କରିବା ପାଇଁ ଏହା ଏକ ଅସ୍ତ୍ର ସଦୃଶ । ମାଆମାନଙ୍କୁ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଜାଣିଲେ ଏବଂ ସଚେତନ ହେଲେ ହିଁ ସମାଜର ମଙ୍ଗଳ ହୋଇପାରିବ । ମାଆମାନେ ନିର୍ଭିକ ଭାବରେ ପ୍ରଶାସନକୁ ଭୟ ନକରି ଯୋଗାଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ । ତୃଣମୂଳ ସ୍ତରରେ ସୂଚନା ମିଳିବାରେ ଅସୁବିଧା ହେଲେ ଏହାର ଉପରସ୍ଥ ଅଧିକାରୀ ତଥ ଜନ ସୂଚନା ଅଧିକାରୀଙ୍କୁ ଯୋଗଯୋଗ କରିବା ଦ୍ୱାରା ସୁଫଳ ମିଳିବ ବୋଲି ସୂଚନା ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଶ୍ରୀମତୀ ପଦ୍ମାବତୀ ପିଡ଼ିକା, ଅତିରିକ୍ତ ପ୍ରକଳ୍ପ ପ୍ରଶାସକ, ଡି.ଆର୍.ଡ଼ି.ଏ, ସୂଚନା ଅଧିକାର ଆଇନର କେତେକ ଦିଗ ସମ୍ପର୍କରେ ଆଲୋକପାତ କରିବା ସହିତ ଅଗ୍ରଗାମୀ ଏହିଭଳି ଏକ ପ୍ରକଳ୍ପ ପଛୁଆ ବର୍ଗର ଲୋକଙ୍କ ନିମନ୍ତେ କରିଥିବାରୁ ଧନ୍ୟବାଦ ଦେବା ସହିତ ଏହିଭଳି କାର୍ଯ୍ୟକ୍ରମ ଅନ୍ୟ ବ୍ଲକରେ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।

ଏହି ସଭାକୁ ସଭାପତିତ୍ୱ କରି କୋଟ୍ପର ନିର୍ଦ୍ଦେଶକ ପ୍ରଫେସର ପି.ସି. ମହାପାତ୍ର କହିଲେ ଯେ, ବର୍ତ୍ତମାନ ସମୟ ଆସିଛି ଜନସାଧାରଣ ନିଜ ଗୋଡ଼ରେ ଠିଆ ହୋଇ ନିଜର ଓ ଗୋଷ୍ଠୀର ବିକାଶ କରିବେ । ସରକାରଙ୍କର ଅନେକ ଯୋଜନା ସହିତ ଅନେକ ବିଭାଗ ରହିଛି, ଯାହାର ଫାଇଦା ନେବା ପାଇଁ ଆହ୍ୱାନ ଦେଇଥିଲେ । ଏଥିସହିତ ସୂଚନା ଅଧିକାର ଆଇନର ଆବଶ୍ୟକତା ବେଳେ ଜନହିତରେ ବ୍ୟବହାର କରିବା ଏବଂ ଆବଶ୍ୟକ ସ୍ଥଳେ ଜିଲ୍ଲା ସୂଚନା ଅଧିକାର ମଂଚର ସହାୟତା ନେବା ପାଇଁ ପରାମର୍ଶ ଦେଇଥିଲେ । ବରିଷ୍ଠ ଆଇନଜୀବୀ ତଥା ଜିଲ୍ଲା ସୂଚନା ଅଧିକାର ମଂଚର ସଭାପତି ଶ୍ରୀ ଗୁପ୍ତେଶ୍ୱର ପାଣିଗ୍ରାହୀ ସୂଚନା ଅଧିକାର ଆଇନ ହେବାପୂର୍ବରୁ ଓ ପରବର୍ତ୍ତୀ ତାଙ୍କର ସଂପୃକ୍ତି, କୋରାପୁଟ ଜିଲ୍ଲାରେ ସୂଚନା ଅଧିକାର ଆଇନର ବ୍ୟବହାର ଦ୍ୱାରା କ୍ଷେତ୍ରରେ ଗୋଷ୍ଠୀ କିପରି ଲାଭାନିତ୍ୱ ହୋଇଛି ଉଦାହରଣ ଦେଇଥିଲେ । ଜିଲ୍ଲା ସୂଚନା ଅଧିକାର ମଂଚ ସମସ୍ତ ପ୍ରକାର ସମସ୍ୟାର ସହଯୋଗର ହାତ ବଢ଼ାଇବ ବୋଲି ମତ ଦେଇଥିଲେ ।

ଅଗ୍ରଗାମୀର ନିର୍ଦ୍ଦେଶକ ଶ୍ରୀ ଅଚ୍ୟୁତ ଦାସ ପ୍ରକଳ୍ପର ସଫଳତା ସମ୍ପର୍କରେ ଉପସ୍ଥପନା କରି କହିଥିଲେ ଯେ, ଏହି ପ୍ରକଳ୍ପ ଦ୍ୱାରା ଅନେକ ମୌଳିକ ଆବଶ୍ୟକତା ପଛୁଆ ଅଂଚଳରେ ପରିବର୍ତ୍ତନ ଆସିଛି । ଏହି ସୂଚନା ସମ୍ବନ୍ଧୀୟ ପ୍ରକଳ୍ପ ଦ୍ୱାରା ବିଦ୍ୟାଳୟ କ୍ରିୟାଶୀଳ ହେବା ସହିତ ଶିକ୍ଷକ ନିଯୁକ୍ତି ହେବା, ଅଙ୍ଗନବାଡ଼ି କେନ୍ଦ୍ର କ୍ରିୟାଶୀଳ ହେବା, ମନରେଗାରେ ଗ୍ରାମବାସୀ ଅଧିକ କାମ ମାଗିବା, ଗ୍ରାମଗୁଡ଼ିକରେ ଟୀକାକରଣ ଓ ପୋଷଣ ସମ୍ପର୍କରେ ସଚେତନତା ତଥା ମାଆମାନଙ୍କର ଗ୍ରାମସଭାରେ ଅଂଶଗ୍ରହଣରେ ବୃଦ୍ଧି ହେବା ସହିତ ଅନେକ ପରିବର୍ତ୍ତନ ହୋଇଛି ବୋଲି ସୂଚନା ଦେଇଥିଲେ । ଏହି ବୈଠକରେ ଜିଲ୍ଲା ସୂଚନା ଅଧିକାର ମଂଚ ଉପସଭାପତି ଶ୍ରୀମତୀ ସୁନଦେଇ ସାଉନ୍ତା ଦଶମନ୍ତପୁର ଅଂଚଳରେ ମାଆମାନଙ୍କ ଦ୍ୱାରା ସରକାରୀ ସୂଚନା ପାଇବା, କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସୂଚନା ପାଇବା, ରେଶନ କାର୍ଡ଼, ମନରେଗା ଜବ କାର୍ଡ଼, ସ୍କୁଲ ଆଦି ସମ୍ପର୍କରେ ମାଆମାନଙ୍କର ଦ୍ୱାରା ହୋଇଥିବା ଲଢୁଆ ଆନ୍ଦୋଳନ ସର୍ମ୍ପକରେ ନିଜର ଅନୁଭୂତି ପ୍ରଦାନ କରିଥିଲେ । ଶ୍ରୀମତୀ ସାଉନ୍ତା ସାହସର ସହ ମାଆମାନେ ଆଗେଇ ଆସିବା ଦ୍ୱାରା ହିଁ ମାଆମାନଙ୍କର ବିକାଶ ହୋଇପାରିବ ବୋଲି ମାଆମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ୟୁରୋପିୟାନ ୟୁନିୟନ ଓ ଅଗ୍ରଗାମୀ ମିଳିତ ପ୍ରକଳ୍ପର ତାଲିମ ସଂଯୋଜକ ଶ୍ରୀ ମହେନ୍ଦ୍ର ନାଥ ସ୍ୱାଗତ ଭାଷଣ ଦେବା ସହିତ ପ୍ରକଳ୍ପ ସମ୍ପର୍କରେ ସୂଚନା ରଖିଥିଲେ । କୋରାପୁଟ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ଅତୁ୍ୟଲ ନାଏକ ଏହି ପ୍ରକଳ୍ପ ଦ୍ୱାରା କୋରାପୁଟ ଜିଲ୍ଲାର ଦଶମନ୍ତପୁର ଅଂଚଳରେ ମିଳିଥିବା ସଫଳତା ସମ୍ପର୍କରେ ଉପସ୍ଥାପନା କରିଥିଲେ । ଆନୁଷ୍ଠାନିକ ଭାବରେ ଶ୍ରୀ ଲୋକନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଦଶମନ୍ତପୁର ଓ ଲକ୍ଷ୍ମୀପୁର ବ୍ଲକର ୭୦ରୁ ଉର୍ଦ୍ଧ୍ୱ ମହିଳା, ଗ୍ରାମବାସୀ, ସୂଚନା କର୍ମୀ, ସାମାଜିକ କର୍ମୀ, ଯୋଗ ଦେଇ ନିଜ ନିଜ ଅଂଚଳରସମସ୍ୟା, ସଫଳତା, ଆଦି ସମ୍ପର୍କରେ ଆଲୋଚନା କହିଥିଲେ ।

## ସରକାରୀ କଲ୍ୟାଣମୂଳକ ଯୋଜନାର ସୂଚନା ସମ୍ବନ୍ଧୀୟ ପ୍ରକଳ୍ପକୁ ନେଇ କର୍ମଶାଳା

### (ଜିଲ୍ଲାସ୍ତରୀୟ ସୂଚନା ଅଧିକାର ମଂଚ ବୈଠକ, କନ୍ଧମାଳ)




ଫୁଲବାଣୀ, ୨୯.୧୦ ଅଗ୍ରଗାମୀ, କନ୍ଧମାଳ ତରଫରୁ ସୂଚନା ସମ୍ବନ୍ଧୀୟ ପ୍ରକଳ୍ପର ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଫୋରମର ବୈଠକ ଫୁଲବାଣୀ ସ୍ଥିତ ବନାନୀ କଳାକେନ୍ଦ୍ରର ସଭାଗୃହରେ ଅକ୍ଟୋବର ୨୯ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରକଳ୍ପର କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ରଖି ଅଗ୍ରଗାମୀର ନିର୍ଦ୍ଦେଶକ ଶ୍ରୀ ଅଚ୍ୟୁତ ଦାସ କହିଥିଲେ ଯେ, ଓଡ଼ିଶାର ୧୦ଟି ଜିଲ୍ଲାର ୧୦୦ଟି ପଛୁଆ ପଂଚାୟତର ଜନସାଧାରଣ ପାଂଚୋଟି ବିଷୟରେ କିପରି ସୂଚନା ପାଇବେ, ଏବଂ ଏହାକୁ ନେଇ ଏହାର ସୁବିଧାସୁଯୋଗ ନେବେ, ସେଥିପ୍ରତି ଏହି ପ୍ରକଳ୍ପରେ ଗୁରୁତ୍ୱ ଦିଆଯାଇଥିଲା ।

ଗତ ଚାରିବର୍ଷରେ ଏହି ପ୍ରକଳ୍ପ ଦ୍ୱାରା ଏଥିସହିତ ଜଙ୍ଗଲ ଅଧିକାର ଆଇନ, ଜନଧନ ଯୋଜନାରେ ବ୍ୟାଙ୍କ ଏକାଉଂଟ ଖୋଲିବା, ଖାଦ୍ୟ ସୁରକ୍ଷା ଆଇନରେ ରେଶନ କାର୍ଡ଼ ଯୋଗ୍ୟ ହିତାଧିକାରୀ ପାଇବା, ଶିକ୍ଷା ଅଧିକାର ଆଇନକୁ କାର୍ଯ୍ୟକାରି କରି ସ୍କୁଲକୁ ସକ୍ରିୟ କରିବା, ଅଙ୍ଗନବାଡ଼ି ସକ୍ରିୟ କରିବା, ଗ୍ରାମସଭାରେ ମହିଳାମାନଙ୍କର ଅଧିକ ମାତ୍ରାରେ ଅଂଶଗ୍ରହଣ ଇତ୍ୟାଦି ଗୁରୁତ୍ୱ ଦିଆଯାଇଥିଲା ଏବଂ ଏହି କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିପାରିଛି । ଏହି ପାଂଚୋଟି ବିଷୟ ସହିତ ଏହି ପ୍ରକଳ୍ପ ଅଂଚଳରେ କୁପୋଷଣ ଦୂର କରିବା, ଦେଶାନ୍ତର ନଯାଇ ନିଜ ଅଂଚଳରେ ନିଜ ମାଟିରେ ଚାଷ କରି ସ୍ୱାଭିମାନ ସହିତ ବଂଚିବା, ଆଦିକୁ ଏହି ପ୍ରକଳ୍ପରେ ଗୁରୁତ୍ୱ ଦିଆଯାଇଥିଲା ବୋଲି ସୂଚନା ଦେଇଥିଲେ ।

ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବରିଷ୍ଠ ଆଇନଜ୍ଞ ଶ୍ରୀ ବିଜୟ କୁମାର ପଟ୍ଟନାୟକ କହିଥିଲେ ଯେ, ସରକାରଙ୍କ ତରଫରୁ ଶହ ଶହ ଯୋଜନା ହେଉଛି, କିନ୍ତୁ ଏ ସବୁ ଯୋଜନା ହିତାଧିକାରୀଙ୍କ ନିକଟରେ ପହଂଚିବାରେ ଅସୁବିଧା କେଉଁଠି ରହୁଛି ତାହାକୁ ବୁଝିବାକୁ ପଡ଼ିବ ? ଶ୍ରୀଯୁକ୍ତ ପଟ୍ଟନାୟକ ନିଜର ଅନୁଭୂତିରୁ କହିଥିଲେ ଯେ, ଅଗ୍ରଗାମୀ ତରଫରୁ ବିଭିନ୍ନ ସୂଚନା ମାଧ୍ୟମରେ ସଶକ୍ତିକରଣ କରାଯାଇଛି, ହାତ ଧରି ଚାଲିବା ଶିଖାଯାଇଛି । ବର୍ତ୍ତମାନ ଗୋଷ୍ଠୀକୁ ସ୍ଥିର କରିବାକୁ ପଡ଼ିବ, ସେ କିଭଳି ନିଜର ବିକାଶ କରିବ । ଏଥିସହିତ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଖାଲି ସରକାର କରୁନାହାନ୍ତି ବୋଲି ଅଭିଯୋଗ ନକରି ନିର୍ଦ୍ଦିଷ୍ଟ ଅଫିସର, ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହା ସମ୍ପର୍କରେ କହିବା ପାଇଁ ଆହ୍ୱାନ ଦେଇଥିଲେ । ଆଦିବାସୀ ଅଂଚଳରେ ମୌଳିକ ଅଧିକାର ଖନନ ଯେପରି ନହେବ, ସେଥିପ୍ରତି ଗୁରୁତ୍ୱ ଦେଇଥିଲେ । ଶ୍ରୀଯୁକ୍ତ ପଟ୍ଟନାୟକ ଯଦି କୌଣସି ଅସୁବିଧା ହୁଏ, ତେବେ ଜିଲ୍ଲା ଆଇନ ସହାୟତା ପ୍ରାଧିକରଣର ସହାୟତା ନେବା ପାଇଁ ଆହ୍ୱାନ ଦେଇଥିଲେ । ପାଟି ଖୋଲିବା ଦ୍ୱାରା ହିଁ ସ୍ଥିତିରେ ପରିବର୍ତ୍ତନ ଆସିବ ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପି.ଏ., ଆଇ.ଟି.ଡ଼ି.ଏର ପ୍ରକଳ୍ପ ପରିଚାଳକ ଶ୍ରୀ ମୁରଲୀ ମୋହନ ସରକାରଙ୍କ ତରଫରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ରଖିବା ସହିତ ଏହାର ଗୋଷ୍ଠୀଗତ ଭାବରେ ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ ।

କନ୍ଧମାଳ ଜିଲ୍ଲାର ସ୍ୱେଚ୍ଛାସେବୀ ସଂଗଠନ ସମୂହର ଆବାହକ ଶ୍ରୀ ଅଶୋକ ପରିଡ଼ା, କନ୍ଧମାଳ ଜିଲ୍ଲାର ଜନସାଧାରଣ ସ୍ଥିତି, ପ୍ରଶାସନର ମନୋଭାବକୁ ନେଇ ଚିନ୍ତା ପ୍ରକଟ କରିଥିଲେ । ଏଥିପାଇଁ ନାଗରିକ ସମାଜ ଅଧିକ ମାତ୍ରାରେ ଆଲୋଚନା, ବିତର୍କ ହେବା ଦ୍ୱାରା ହିଁ ପରିବର୍ତ୍ତନ ଆସିବ । ଏଥିପାଇଁ ନାଗରିକ ସମାଜକୁ ଅଧିକ ସଚେତନ ହେବା ସହିତ ଗୋଷ୍ଠୀଗତ ଉଦ୍ୟମ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ପ୍ରାରମ୍ଭରେ ଇ.ୟୁ. ପ୍ରକଳ୍ପର ତାଲିମ ସଂଯୋଜକ ଶ୍ରୀ ମହେନ୍ଦ୍ର ନାଥ ସ୍ୱାଗତ ଭାଷଣ ଦେବା ସହିତ ପ୍ରକଳ୍ପ ସମ୍ପର୍କରେ ସମ୍ୟକ ସୂଚନା ରଖିଥିଲେ ।

କନ୍ଧମାଳ ଡେରାକୁମ୍ପା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଉମାକାନ୍ତ ନାୟକ ଇ.ୟୁ. ପ୍ରକଳ୍ପରେ ହୋଇଯାଇଥିବା ବିଭିନ୍ନ ସଫଳ ଉଦାହରଣଗୁଡ଼ିକ ଉପସ୍ଥାପନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫିରିଙ୍ଗିଆ ଏବଂ ଟିକାବାଲି ବ୍ଲକରୁ ଆସିଥିବା ନାଗରିକ ଚେତନା ମଂଚର ସଭ୍ୟ ସଭ୍ୟା, ଜନସାଧାରଣ ନିଜ ନିଜ ଅଂଚଳରେ ଇ.ୟୁ. ପ୍ରକଳ୍ପ ଦ୍ୱାରା ହୋଇଥିବା ପରିବର୍ତ୍ତନ ସମ୍ପର୍କର ଉଦାହରଣ ମାଧ୍ୟମରେ ମତ ରଖିଥିଲେ । ଶେଷରେ ଆନୁଷ୍ଠାନିକ ଭାବରେ ଶ୍ରୀ ଉମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମୂହିକ ବିକାଶ ନିମନ୍ତେ ସୂଚନା ଅଧିକାର ଆଇନକୁ ବ୍ୟବହାର କରାଯାଉ

## (ଜିଲ୍ଲାସ୍ତରୀୟ ସୂଚନା ଅଧିକାର ମଂଚ ବୈଠକ, ନବରଙ୍ଗପୁର)



ନବରଙ୍ଗପୁର, ୩୧.୧୦

ବର୍ତ୍ତମାନ ପଂଚାୟତ ସ୍ୱୟଂ ସମ୍ପୂର୍ଣ୍ଣ ଅନୁଷ୍ଠାନ ହେଲାଣି । ସିଧାସଳଖ ଅର୍ଥ ପଂଚାୟତକୁ ଆସୁଛି । ଏହି ପରିପ୍ରେକ୍ଷୀରେ ସଚେତନ ନାଗରିକ କମ୍ପ୍ୟୁଟର ସାକ୍ଷରତା ତଥା ଇଂଟରନେଟ୍ ବ୍ୟବହାର ଦ୍ୱାରା ସବୁଗୁଡ଼ିକୁ ସମୀକ୍ଷା ଓ ତଦାରଖ କରିପାରିବେ ବୋଲି ପି.ଡ଼ି.ଡ଼ି.ଆର୍.ଡ଼ି.ଏ ଶ୍ରୀ ରାମକାନ୍ତ ନାଏକ ମତ ଦେଇଛନ୍ତି । ଅଗ୍ରଗାମୀ ଓ ଆର.ସି.ଡ଼ି.ସି, ନବରଙ୍ଗପୁର ଆନୁକୂଲ୍ୟରେ ସ୍ଥାନୀୟ ଜଳଛାୟା ସଭାଗୃହ, ନବରଙ୍ଗପୁରଠାରେ ଅନୁଷ୍ଠିତ ସରକାରୀ ଯୋଜନା, ସୂଚନା ଅଧିକାର ଆଇନରେ ଥିବା ସ୍ୱତଃ ପ୍ରବୃତ୍ତ ସୂଚନା ପ୍ରଦାନକୁ ନେଇ ଆଲୋଚନା ହୋଇଯାଇଛି । ଏହି ବୈଠକରେ ୬୦ରୁ ଊର୍ଦ୍ଧ୍ୱ ଜିଲ୍ଲାସ୍ତରୀୟ ପ୍ରମୁଖ ବିଭାଗର ସରକାରୀ ଅଫିସର, ନବରଙ୍ଗପୁର ଜିଲ୍ଲାର ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି, ନାଗରିକ ଚେତନା ମଂଚର ସଭ୍ୟସଭ୍ୟା, ସଚେତନ ନାଗରିକ ପ୍ରମୁଖ ଜନସାଧାରଣ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଅନ୍ୟତମ ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲାର ସି.ଡ଼ି.ଏମ୍.ଓ ଶ୍ରୀ ସରୋଜ କୁମାର ନାଏକ ମତ ଦେଇଥିଲେ ଯେ, ଯେକୌଣସି କ୍ଷେତ୍ରରେ ଭଲ ଦିଗ ରହିଛି ଏବଂ ଖରାପ ଦିଗ ରହିଛି, ଏହାର ବ୍ୟବହାରକୁ ନେଇ ଫଳାଫଳ ନିର୍ଭର କରୁଛି । ଶ୍ରୀ ନାଏକ ସୂଚନା ଅଧିକାର ଆଇନକୁ ବ୍ୟବହାର କରିବା ବେଳେ ଅନେକ କ୍ଷେତ୍ରରେ ବ୍ୟକ୍ତିଗତ, ବ୍ୟକ୍ତିଗତ ଆକ୍ଷେପ ତଥା ବହୁ ପୁରୁଣା ତଥ୍ୟ ମଗାଯାଉଛି, ଯାହାକି ତଥ୍ୟ ସଂଗ୍ରହ ଏବଂ ତଥ୍ୟ ଦେବା ସମୟରେ ହିଁ ସମୟ ଯାଉଛି । ସୂଚନା ଅଧିକାର ଆଇନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମହାନ, ଏହି ଆଇନକୁ ଜନସାଧାରଣଙ୍କର ସାମୂହିକ କଲ୍ୟାଣ ଦିଗରେ ବ୍ୟବହାର କଲେ ସମାଜ ଉପକୃତ ହୋଇପାରିବ ବୋଲି ମତ ଦେଇଥିଲେ ।

ଏହି ସଭାକୁ ସଭାପତିତ୍ୱ କରି ଅଗ୍ରଗାମୀର ନିର୍ଦ୍ଦେଶକ ଶ୍ରୀ ଅଚ୍ୟୁତ ଦାସ କରି କହିଥିଲେ ଯେ, ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ କେତେକ କ୍ଷେତ୍ରରେ ଅନ୍ତରାୟ ରହିଯାଉଛି, ଯାହାଦ୍ୱାରାକି ସରକାରଙ୍କ ଅନେକ କଲ୍ୟାଣମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରି ହେଉଥିଲେ ମଧ୍ୟ ହିତାଧିକାରୀଙ୍କ ନିକଟରେ ପହଂଚିପାରୁନାହିଁ ! ଅଗ୍ରଗାମୀ ତରଫରୁ ଗତ ପାଂଚବର୍ଷ ଧରି ୧୦ଟି ଜିଲ୍ଲା ପଛୁଆ ଜିଲ୍ଲା ଜଥା ରାୟଗଡ଼, ନବରଙ୍ଗପୁର, ମାଲକାନଗିରି, ମୟୂରଭଞ୍ଜ, କନ୍ଧମାଳ, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର, ଗଜପତି, କୋରାପୁଟ ଜିଲ୍ଲାର ୨୦ଟି ବ୍ଲକର ୧୦୦ଟି ପଂଚାୟତର ୧୦୦୦ଟି ଗ୍ରାମରେ ସୂଚନା ମାଧ୍ୟମରେ ରୋଜଗାର ନିରାପତ୍ତା କ୍ଷେତ୍ରରେ ଜନସାଧାରଣଙ୍କ ସଶକ୍ତିକରଣ ନେଇ ହୋଇଥିବା ପ୍ରକଳ୍ପର ରୂପରେଖ, ଏହି କାର୍ଯ୍ୟକ୍ରମରେ ଜନସାଧାରଣ ପାଇଥିବା ସଫଳତା ଆଦି ସମ୍ପର୍କରେ ଉପସ୍ଥାପନା କରିଥିଲେ । ସରକାରୀ ବିଭାଗ ଏବଂ ବେସରକାରୀ ଅନୁଷ୍ଠାନ ମିଳିତ ଭାବରେ କଲ୍ୟାଣମୂଳକ ଯୋଜନାକୁ ସମାଜର ତଳସ୍ତରର ଲୋକଙ୍କ ନିକଟରେ ପହଂଚାଇବା ନିମନ୍ତେ ଏକାଠି ହେବାକୁ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆର୍.ସି.ଡ଼ି.ସିର ଆଂଚଳିକ ପରିଚାଳକ ଶ୍ରୀ କେଶବ ଚନ୍ଦ୍ର ଦାସ ଆନୁଷ୍ଠାନିକ ଭାବରେ ସ୍ୱାଗତ କରିବା ସହିତ ଏହି ଜିଲ୍ଲା ସୂଚନା ଅଧିକାର ଫୋରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଇ.ୟୁ. ପ୍ରକଳ୍ପର ତାଲିମ ସଂଯୋଜକ ଶ୍ରୀ ମହେନ୍ଦ୍ର ନାଥ ପ୍ରକଳ୍ପର ରୂପରେଖ, ଏହାର ସଫଳତାକୁ ନେଇ ଏକ ପାୱାରପଏଂଟ ଉପସ୍ଥାପନା କରିଥିଲେ । ଡାବୁଗାଁ ଓ ତେନ୍ତୁଳିଖୁଂଟି ବ୍ଲକରେ ଇ.ୟୁ. ପ୍ରକଳ୍ପରେ ହୋଇଯାଇଥିବା କାର୍ଯ୍ୟକ୍ରମ ଓ ଏହାର ଫଳାଫଳକୁ ନେଇ ଶ୍ରୀ ରାଧାଚରଣ ପାଢ଼ୀ ଏବଂ ଅନ୍ୟାନ୍ୟ ଗ୍ରାମବାସୀ ନିଜ ଅନୁଭୂତି ଉପସ୍ଥାପନା କରିଥିଲେ । ଶେଷରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ରାଧାଚରଣ ପାଢ଼ୀ ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଆଲୋଚନା ଚକ୍ରରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନର ମିଳିତ ଭାବରେ କିପରି ନବରଙ୍ଗପୁର ଅଂଚଳର ସବୁଠାରୁ ଅପହଂଚ ଓ ପଛୁଆ ଅଂଚଳକୁ ମିଳିତ ଭାବରେ ବିକାଶ କରାଯାଇପାରିବ, ସେ ସମ୍ପର୍କରେ ମତାମତ ଆସିଥିଲା । ଅନେକ କ୍ଷେତ୍ରରେ ସରକାରଙ୍କ କଲ୍ୟାଣମୂଳକ ଯୋଜନାର ବ୍ୟବସ୍ଥା ଥିଲେ ମଧ୍ୟ ହିତାଧିକରୀ ଏହାଦ୍ୱାରା ଉପକୃତ ହୋଇପାରୁନାହାନ୍ତି, ଅନେକ ସମୟରେ ସୂଚନା ଅଧିକାର ଆଇନକୁ ବ୍ୟକ୍ତିଗତ ସ୍ୱାର୍ଥ ରଖି ବ୍ୟବହାର କରାଯାଉଛି ବୋଲି କେତେକ ମତ ଦେଇଥିଲେ । ସରକାରଙ୍କ ତରଫରୁ ସେବା ଯୋଗାଇ ଦିଆଯାଉଛି, ଏହାର ସୁଯୋଗ ନେବା ଦରକାର । ପଂଚାୟତ ସମ୍ପର୍କରେ ଅଧିକ ଜାଗ୍ରତ ହେବା, ସୂଚନା ମାଧ୍ୟମରେ ସଶକ୍ତିକରଣ ହେବା, ସରକାରଙ୍କ ପକ୍ଷରୁ ଅନେକ ସୁବିଧା ଓ ସୁଯୋଗ ରହିଛି, ଏହାର ବ୍ୟବହାର ହେବା ଦରକାର, ଗୋଷ୍ଠୀର ଉନ୍ନତି ପାଇଁ ସୂଚନା ଅଧିକାର ଆଇନ ବ୍ୟବହାର ହେଉ ବୋଲି ମତ ଆସିଥିଲା ।

## ସରକାରୀ ଯୋଜନାର ସୂଚନା ତୃଣମୂଳରେ ପହଂଚିବା ଦ୍ୱାରା ପଛୁଆ ବର୍ଗର ବିକାଶ ସମ୍ଭବ

### (ଜିଲ୍ଲାସ୍ତରୀୟ ସୂଚନା ଅଧିକାର ମଂଚ ବୈଠକ, ରାୟଗଡ଼)

ରାୟଗଡ଼, ୩୦.୧୦ ଶହ ଶହ ସରକାରୀ ଯୋଜନା ପଛୁଆ ତଥା ଅବହେଳିତ ବର୍ଗଙ୍କ ବିକାଶ ନିମନ୍ତେ କାର୍ଯ୍ୟକାରି ହେଉଛି। କିନ୍ତୁ ଉପଯୁକ୍ତ ସୂଚନା ପଛୁଆ ଅଂଚଳରେ ନପହଂଚିବା ଦ୍ୱାରା ଏହାର ସୁଫଳ ହିତାଧିକରୀମାନେ ପାଉନାହାନ୍ତି । ଏହି ଦୃଷ୍ଟିରୁ ଅଗ୍ରଗାମୀ ତରଫରୁ ଗତ ପାଂଚବର୍ଷ ଧରି ୧୦ଟି ଜିଲ୍ଲାର ୧୦୦ଟି ପଂଚାୟତର ୧୦୦୦ଟି ଗ୍ରାମରେ ସୂଚନା ମାଧ୍ୟମରେ ପଛୁଆ ବର୍ଗ ଜନସାଧାରଣଙ୍କ ସଶକ୍ତିକରଣ ନେଇ ଏକ ପ୍ରକଳ୍ପ କାର୍ଯ୍ୟକାରି ହୋଇଥିଲା । ସରକାରୀ ଯୋଜନାଙ୍କୁ ତୃଣମୂଳ ସ୍ତରରେ ଭିନ୍ନ ଭିନ୍ନ ମାଧ୍ୟମରେ ପହଂଚାଇବା ଦ୍ୱାରା ଏହାର ସୁଫଳ ହିତାଧିକାରୀ ପାଇଛନ୍ତି ଏବଂ ଏହି ସଫଳତାକୁ ଏକ ଉପସ୍ଥାପନା ଓ ଆଲୋଚନା ସହିତ ସୂଚନା ଅଧିକାର ଆଇନକୁ ନେଇ ଆଲୋଚନା ଅଗ୍ରଗାମୀ, କାଶୀପୁରଙ୍କ ଆନୁକୂଲ୍ୟରେ ସୂଚନା ଅଧିକାର ଫୋରମର ବୈଠକ ରାୟଗଡ଼ ସ୍ଥିତ କୃଷିବିଭାଗର ଆତ୍ମା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୬୦ରୁ ଉର୍ଦ୍ଧ୍ୱ ସାମଜିକ କର୍ମୀ, ସରକାରୀ କର୍ମକର୍ତ୍ତା, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି, ସଚେତନ ନାଗରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ଜାଣିବା ପ୍ରକଳ୍ପ ସମ୍ପର୍କରେ ମତ ଦେଇ ଅଗ୍ରଗାମୀର ନିର୍ଦ୍ଦେଶକ ଶ୍ରୀ ଅଚ୍ୟୁତ ଦାସ କହିଥିଲେ ଯେ, ୨୦୧୨- ୧୩ ମସିହାରେ କେନ୍ଦ୍ର ସରକାର, କେନ୍ଦ୍ର ସୂଚନା କମିଶନର ଏବଂ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନେଇ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା କିପରି ପାଇବେ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ଜାଣିବା ପ୍ରକଳ୍ପର ସାରା ଭାରତରେ ୧୪ଟି ଅନୁଷ୍ଠାନରେ ଓଡ଼ିଶାରୁ ଅଗ୍ରଗାମୀ ଥିଲା।

ଅଗ୍ରଗାମୀର ନିର୍ଦ୍ଦେଶକ ଶ୍ରୀ ଅଚ୍ୟୁତ ଦାସ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଦ୍ୱାରା ପଛୁଆ ଅଂଚଳରେ ଅଙ୍ଗନବାଡ଼ି ସକ୍ରୀୟ ହେବା, ପ୍ରାଥମିକ ବିଦ୍ୟାଳୟ ନିୟମିତ ହେବା ସହିତ ସ୍କୁଲ ପରିଚାଳନା କମିଟି ସକ୍ରିୟ ହେବା, ଗ୍ରାମସଭାରେ ମହିଳାଙ୍କର ଅଧିକ ସଂଖ୍ୟାରେ ଯୋଗଦାନ, ନିଶ୍ଚିତ କର୍ମଯୋଗାଣ ଯୋଜନାରେ କାମ ମାଗିବା ଏବଂ ପାଇବା, ଅଙ୍ଗନବାଡ଼ି ନିୟମିତ ଚାଲିବା ଇତ୍ୟାଦି ଗୁରୁତ୍ୱ ଦେଇଥିଲେ। ଏଥିସହିତ ଏହି ପ୍ରକଳ୍ପ ଦ୍ୱାରା ଜଙ୍ଗଲ ଅଧିକାର ଆଇନ, ଜନଧନ ଯୋଜନାରେ ବ୍ୟାଙ୍କ ଏକାଉଂଟ ଖୋଲିବା, ଖାଦ୍ୟ ସୁରକ୍ଷା ଆଇନରେ ରେଶନ କାର୍ଡ଼ ଯୋଗ୍ୟ ହିତାଧିକାରୀ ପାଇବା ଇତ୍ୟାଦି ଗୁରୁତ୍ୱ ଦିଆଯାଇଥିଲା ଏବଂ ଏହି କ୍ଷେତ୍ରରେ ଅନେକ ପରିବର୍ତ୍ତନ ଓ ସଫଳତା ମିଳିଛି ବୋଲି ସୂଚନା ଦେଇଥିଲେ।



ବୈଠକରେ ଅତିଥି ଭାବରେ ଯୋଗ ଦେଇ ପି.ଏ. ଆଇ.ଟି.ଡ଼ି.ଏର ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ଅଜୟ କୁମାର ପତି ମତ ଦେଇଥିଲେ ସୂଚନା ଅଧିକାର ଆଇନ ସମ୍ପର୍କରେ ବିଭିନ୍ନ ସ୍ତରରେ ଅଧିକ ତାଲିମ ଏବଂ ଆଲୋଚନାର ଆବଶ୍ୟକତା ରହିଛି ଯାହାକି ସରକାରୀ ଯୋଜନା ସମ୍ପର୍କରେ ଅଧିକ ଭାବରେ ଜନସାଧାରଣ ସଚେତନ ହୋଇପାରିବେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ପ୍ରସାଦ ପାଣିଗ୍ରାହୀ କର୍ମଚାରୀଙ୍କ ଅଭାବ ଏବଂ ଜଣେ କର୍ମଚାରୀଙ୍କୁ ଅଧିକ କାର୍ଯ୍ୟରେ ଭାରାକ୍ରାନ୍ତ ହେଉଥିବାରୁ ସରକାରୀ ସେବା ଯୋଗାଇବାରେ ବେଳେ ବେଳେ ବାଧାପ୍ରାପ୍ତ ହେଉଛି । ପ୍ରତ୍ୟେକ ବ୍ୟକ୍ତି ସ୍ୱଚ୍ଛତା ଓ ସ୍ୱଷ୍ଟତା ରହିଲେ ସୂଚନା ଅଧିକାର ଆଇନାର ଆବଶ୍ୟକତା ରହିବନାହିଁ ବୋଲି ମତ ଦେଇଥିଲେ।

ଏହି ବୈଠକରେ ଅତିଥି ଭାବରେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ଶ୍ରୀ ବାଦଲ ତା କହିଥିଲେ ଯେ, ସରକାରଙ୍କ ତରଫରୁ ପଛୁଆ ବର୍ଗଙ୍କ ଉନ୍ନତି ନିମନ୍ତେ ଶହ ଶହ ଯୋଜନା ହେଉଛି, କିନ୍ତୁ ଏ ସବୁ ଯୋଜନା ହିତାଧିକାରୀଙ୍କ ନିକଟରେ ପହଂଚିବାରେ ଅସୁବିଧା ହେଉଛି। ପ୍ରକୃତରେ ଜିଲ୍ଲାସ୍ତରରେ ଜନ ସୂଚନା ଅଧିକାରୀଙ୍କ କାର୍ଯ୍ୟାଳୟ ଠିକ୍ ଭାବରେ କାର୍ଯ୍ୟକାରି ହେଉନାହିଁ ବୋଲି ଅଭିଯୋଗ କରିଥିଲେ । ଅଧିବକ୍ତା ଡ. ନରେନ୍ଦ୍ର ମିଶ୍ର ମତ ଦେଇଥିଲେ ଯେ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ଯୋଗାଣ ଯୋଜନା ଲୋକଙ୍କ ଜୀବିକା ଦେବା ଉଦ୍ଦେଶ୍ୟରେ କରାଯାଇଥିଲେ ମଧ୍ୟ ଏହାର ସୁଫଳ ସମାଜର ତଳସ୍ତରର ଲୋକଙ୍କୁ ମିଳିପାରୁନାହିଁ । ଅନେକ ସମୟରେ ମଜୁରୀ ମିଳିବାରେ ବିଳମ୍ବ, କାମ ନମିଳିବା ତଥା ଏହାର କାର୍ଯ୍ୟକାରିତାରେ ଅନିୟମିତତା ହେତୁ ଏହାର ସୁଫଳ ହିତାଧିକାରୀଙ୍କୁ ମିଳିପାରୁନାହିଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଡ. ମିଶ୍ର ଲଢୁଆ ହେବା ହୋଇ ନିଜର ଅଧିକାରକୁ ହାସଲ କରିବାକୁ ପଡ଼ିବ ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଶ୍ରୀ ରଶ୍ମିରଞ୍ଜନ ଦୋରା ମତ ଦେଇଥିଲେ ଯେ, ସୂଚନା ଦ୍ୱାରା କାଶୀପୁର ଅଂଚଳରେ ଆଦିବାସୀମାନେ ସଶକ୍ତିକରଣ ହୋଇଛନ୍ତି। ଗଣମାଧ୍ୟମ ମଧ୍ୟ ସୂଚନା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ନିଭାଇଛି ବୋଲି ମତ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ କାଶୀପୁର ଅଂଚଳର ସୂଚନା ଅଧିକାର କର୍ମୀ ଶ୍ରୀ ଜୟଚନ୍ଦ୍ର ମାଝି, ସାମାଜିକ କର୍ମୀ ଶ୍ରୀମତୀ ସୁମନୀ ଝୋଡ଼ିଆ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ଶ୍ରୀମତୀ ନିଳାଦ୍ରୀ ସାହୁ, ସୂଚନା କର୍ମୀ ରବୀନ୍ଦ୍ର ପାଟଖଣ୍ଡାଳ, କାଶୀପୁର ଓ ରାୟଗଡ଼ ଅଂଚଳରୁ ଆସିଥିବା ଜନସାଧାରଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ନିଜ ନିଜର ମତ ରଖିଥିଲେ । ପ୍ରାରମ୍ଭରେ ପ୍ରକଳ୍ପର ତାଲିମ ସଂଯୋଜକ ଶ୍ରୀ ମହେନ୍ଦ୍ର ନାଥ ସ୍ୱାଗତ ଭାଷଣ ଦେବା ସହିତ ପ୍ରକଳ୍ପ ସମ୍ପର୍କରେ ସୂଚନା ରଖିଥିଲେ । ଜିଲ୍ଲା ସଂଯୋଜକ ଶ୍ରୀ ପ୍ରମୋଦ ପଣ୍ଡା ଏହି ପ୍ରକଳ୍ପ ଦ୍ୱାରା ରାୟଗଡ଼ ଜିଲ୍ଲାରେ ମିଳିଥିବା ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ । ବ୍ଲକ ସଂଯୋଜକ ଶ୍ରୀ ଅଭିରାମ ଝୋଡ଼ିଆ କାଶୀପୁରରେ ସରକାରୀ ସୂଚନା ଦ୍ୱାରା ମାଆମାନେ ସଶକ୍ତିକରଣ ହୋଇ କିପରି ଅଙ୍ଗନବାଡ଼ି ସୁପରିଚାଳନା କରିବା, ସ୍କୁଲ ଠିକ ଭାବରେ ଚାଲିବା ଆଦି ସମ୍ପର୍କରେ ଉଦାହରଣ ଦେଇଥିଲେ । ଆନୁଷ୍ଠାନିକ ଭାବରେ ଶ୍ରୀ ଲୋକନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ରଗାମୀ-ୟୁରୋପିୟାନ ୟୁନିୟନର ମିଳିତ ପ୍ରକଳ୍ପ

### ପଛୁଆ ଗୋଷ୍ଠୀଙ୍କର ପୁଷ୍ଟିସାର ଓ ରୋଜଗାର ନିରାପତ୍ତା ସମ୍ବନ୍ଧୀୟ ସୂଚନା କାର୍ଯ୍ୟକ୍ରମ: (୨୦୧୪-୨୦୧୮)

ୟୁରୋପିୟାନ ୟୁନିୟନଙ୍କ ସହାୟତାରେ ଅଗ୍ରଗାମୀ ଦ୍ୱାରା ରୂପାୟିତ ହେଉଥିବା ସୂଚନା ମାଧ୍ୟମର ପଛୁଆ ଗୋଷ୍ଠୀଙ୍କର ପୁଷ୍ଟିସାର ଓ ରୋଜଗାର ନିରାପତ୍ତା ସମ୍ବନ୍ଧୀୟ ସୂଚନା କାର୍ଯ୍ୟକ୍ରମ:ଏହି ବିଶେଷ ପ୍ରକଳ୍ପ ସୂଚନା ଅଧିକାର ଉପରେ ଆଧାରିତ । ୨୦୦୫ ମସିହା ସୂଚନା ଅଧିକାର ଆଇନର ୪(୧) ଧାରାଅନୁସାରେ ସରକାରୀ କର୍ମକର୍ତ୍ତା, ଜନ ଅଧିକାରୀ, ସ୍ୱଇଚ୍ଛାରେ ସୂଚନା ଜନସାଧାରଣଙ୍କୁ ୧୨୦ ଦିନ ଭିତରେ ଦେବା କଥା । ଯଦିଓ ସରକାରୀ ସ୍ତରରେ ବିଭିନ୍ନ ମାଧ୍ୟମରେ ସୂଚନା ଦିଆଯିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି, ତାହା ବିଭିନ୍ନ ସ୍ତରରେ ଦେଖାଯଉଛି ଯେ, ଏହା ଯଥେଷ୍ଟ ନୁହେଁ । ସରକାରୀ ଯୋଜନା ସମ୍ପର୍କରେ ସବିଶେଷ ସୂଚନା ଜନସାଧାରଣଙ୍କ ନିକଟରେ ବିଶେଷ କରି ଗରିବ ଲୋକଙ୍କ ନିକଟରେ ପହଂଚିପାରୁନାହିଁ , ଜନସାଧାରଣ ଠିକ୍ ସୂଚନା ପହଂଚାଇବାର ଲକ୍ଷ୍ୟ ନେଇ ୨୦୧୪ ମସିହାରୁ ଏହି ପ୍ରକଳ୍ପ ୧୦ଟି ଜିଲ୍ଲାର ୨୦ଟି ବ୍ଲକ ଏବଂ ୧୦୦୦୦ଟି ଗ୍ରାମରେ ସରକାରୀ ଯୋଜନା ସମ୍ପର୍କରେ ସୂଚନା କିପରି ପହଂଚିପାରିବ, ସେଥିପାଇଁ ପାଂଚବର୍ଷିଆ ପ୍ରକଳ୍ପ ଆରମ୍ଭ ହୋଇଥିଲା । ପାଂଚୋଟି ବିଷୟ ଯଥା ଆଇ.ସି.ଡ଼ି.ଏସ୍, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ, ମନରେଗା, ନରେଗା ଆଦି ସମ୍ପର୍କରେ ପରାମର୍ଶ ବୈଠକ, ତାଲିମ, ସୂଚନା କାନ୍ଥ, ଲୋକଗୀତ, ଲୋକନୃତ୍ୟ,ପୋଷ୍ଟର, ପମ୍ପଲେଟ୍, ସୂଚନା କାନ୍ଥ,ହାଟ କାର୍ଯ୍ୟକ୍ରମ, ଆଦି ମାଧ୍ୟମରେ ତୃଣମୂଳ ସ୍ତରରେ ଥିବା ଜନସାଧାରଣଙ୍କୁ ସୂଚନା ପହଂଚାଇବା ପାଇଁ ପ୍ରୟାସ କରାଯାଇଥିଲା । ଏଥିରେ ଅନେକ ସଫଳତା ମିଳିଥିଲା, ଯାହାର କିଛି ଅଂଶ ନିୟମିତ ଭାବରେ ଅଗ୍ରଗାମୀ-ୟୁରୋପିୟାନ ୟୁନିୟନ ମଳିତ ପ୍ରକଳ୍ପର ମୁଖପତ୍ର ସୂଚନାବାର୍ତ୍ତାରେ ପ୍ରକାଶିତ ହୋଇଯାଇଛି ।

୨୦୧୮ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୂଚନା ଅଧିକାର ମଂଚ ବୈଠକ ଅବସରରେ ଏହି କ୍ଷେତ୍ରରେ ବିଶେଷ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ପ୍ରତ୍ୟେକ ଜିଲ୍ଲାରୁ ଜଣକୁ ଲେଖାଏ ନାଗରିକ ଚେତନା ମଂଚର ସଦସ୍ୟ / ସଦସ୍ୟାଙ୍କୁ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଥିଲେ ମାଲକାନଗିରିରୁ ଏରା ମାଡ଼କାମୀ, ନବରଙ୍ଗପୁରରୁ ଶ୍ରୀ ଡମ୍ବୁ ସାଆନ୍ତା, କୋରାପୁଟରୁ ସୁନ୍ଦେଇ ସାଉନ୍ତା, ରାୟଗଡ଼ାରୁ ରବୀନ୍ଦ୍ର ପାଟଖଣ୍ଡାଳ, ଗଜପତିରୁ ଶ୍ରୀ ସଂଘମିତ୍ରା ଶବର, କନ୍ଧମାଳରୁ ଜଟଣୀ କହଁର, ବଲାଙ୍ଗିରରୁ ପ୍ରେମାନନ୍ଦ ସାହୁ, ନୂଆପଡ଼ାରୁ ଲୋଚନି ମାଝି, କଳାହାଣ୍ଡିରୁ ଶ୍ରୀ ଟଙ୍କଧର ବାଗାର୍ତ୍ତୀ, ମୟୂରଭଞ୍ଜରୁ ସୂର୍ଯ୍ୟମଣି ହୋ । ନାଗରିକ ଚେତନା ମଂଚ, ଜିଲ୍ଲାସ୍ତରୀୟ ସୂଚନା ଅଧିକାର ମଂଚର ପ୍ରଭାବରେ ଅନେକ ସଫଳତା ମିଳିଥିଲା, ଅନେକ ଅଙ୍ଗନବାଡ଼ି ସକ୍ରୀୟ ହୋଇପାରିଥିଲା, ଅନେକ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ ଅନୁସାରେ ମାନଦଣ୍ଡ ପୂରଣ କରିବା ଯଥା ସ୍କୁଲ ଗୃହର ନିର୍ମାଣ, ଶିକ୍ଷକ ନିଯୁକ୍ତି, ସ୍କୁଲ ପରିଚାଳନା କମିଟି ସକ୍ରୀୟ ହେବା ଆଦି ହୋଇଥିଲା । ସେହିଭଳି ମନରେଗାରେ ଶ୍ରମିକ ଦଳ ଗଠନ ହେବା ସହିତ ବ୍ଲକରେ ଯାଇ ରୋଜଗାର ନିମନ୍ତେ ଦାବୀ କରିବାର ଅନେକ ଉଦାହରଣ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ମାଆମାନେ ଆଗକୁ ଆସି ଜିଲ୍ଲାସ୍ତରୀୟ ଅଭିଯୋଗ ମଂଚ ହେଉ କିମ୍ବା ବ୍ଲକସ୍ତରୀୟ ଅଭିଯୋଗ ମଂଚ ହେଉ, କିମ୍ବା ଅଙ୍ଗନବାଡ଼ିର ଖାଦ୍ୟ ମିଳିବା ସମ୍ପର୍କରେ ହେଉ, ଏ ବିଷୟରେ ପ୍ରଶ୍ନ କରିଥିଲେ । ଏଥିସହିତ ମାଆମାନେ ଅନେକ ମାତ୍ରାରେ ଗ୍ରାମସଭାରେ ଭାଗ ନେବା ସହିତ ଆଲୋଚନାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ । ଏହି ପ୍ରକଳ୍ପକୁ ପଛୁଆ ଜିଲ୍ଲାର ପଛୁଆ ଗାଆଁଗୁଡ଼ିକରେ ଅନେକ ସଫଳତା ମିଳିଥିଲା, ଯାହାଦ୍ୱାରା କି ଜନସାଧାରଣ ସରକାରୀ ଯୋଜନା ସମ୍ପର୍କରେ ସଚେତନ ହେବା ସହିତ ନିଜ ନିଜର ହକ ଦାବୀ କରିଥିଲେ । ଅଧିକ ମାତ୍ରାରେ ମାଆମାନେ ଗ୍ରାମସଭାରେ ଯୋଗ ଦେବା ସହିତ ଗ୍ରାମର ଯୋଜନା ପ୍ରଣୟନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରକାରୀ ସ୍ତରରେ ଅନେକ ସହଯୋଗ ମିଳିଥିଲା । ଓଡ଼ିଶା ଖାଦ୍ୟ କମିଶନଙ୍କ ସହଯୋଗରେ ଅନେକ ପଛୁଆ ବର୍ଗର ରେଶନ କାର୍ଡ଼ ପାଇଥିଲେ । ମୋଟାମୋଟି ଏହି ପ୍ରକଳ୍ପ ଯେଉଁଠି କାର୍ଯ୍ୟକାରି ହେଉଥିଲା, ସରକାରୀ କଲ୍ୟାଣମୂଳକ ଯୋଜନାଗୁଡ଼ିକ ଲୋକଙ୍କ ହାତପାଆନ୍ତା ହେବା ସହିତ ପଛୁଆ ଗୋଷ୍ଠୀ ସେମାନଙ୍କର ଦାବୀକୁ ଉପସ୍ଥାପନା କରିପାରିଛନ୍ତି, ସେହି ଅଂଚଳରେ ଅନେକ କିଛି ପ୍ରଭାବ ପଡ଼ିଛି ।

## ଜିଲ୍ଲା ସୂଚନା ଅଧିକାର ମଂଚକୁ ସୁଦୃଢ଼ କରିବା ନିମନ୍ତେ ସରପଂଚମାନେ ସାମୂହିକ ନିଷ୍ପତ୍ତି ନେଲେ

### (ଜିଲ୍ଲାସ୍ତରୀୟ ସୂଚନା ଅଧିକାର ମଂଚ ବୈଠକ,ମାଲକାନଗିରି )

ମାଲକାନିଗିରି, ୨.୧୧

ହାର୍‌ମୋନୀ, ମାଲକାନଗିରିଙ୍କ ଆନୁକୂଲ୍ୟର ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଫୋରମର ବୈଠକ ସ୍ଥାନୀୟ ଓ.ଟି.ଇ.ଏଲ୍.ପି ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମାଲକାନଗିରି ଜିଲ୍ଲାରେ ଅନେକ ସରପଂଚ, ସମିତି ସଭ୍ୟ, ସୂଚନା ଅଧିକାର କର୍ମୀ ପ୍ରମୁଖ ଯୋଗ ଦେଇଥିଲେ ।

ହାର୍‌ମୋନୀର ସଂପାଦକ ଶ୍ରୀ ଦୁର୍ଗା ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସ୍ତରର ସୂଚନା ଅଧିକାର କର୍ମୀ ଶ୍ରୀ ପ୍ରଦୀପ ପ୍ରଧାନ ଅଂଶଗ୍ରହଣକାରୀଙ୍କୁ ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା, ପ୍ରୟୋଗ ସମ୍ପର୍କରେ ବୁଝାଇଥିଲେ । ଶ୍ରୀ ଦାଶରଥ ପଡ଼ିଆମୀ, ଅଧ୍ୟକ୍ଷ, ଜିଲ୍ଲା ପରିଷଦ, ମାଲକାନଗିରି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜିଲ୍ଲାର ବିକାଶ ଦିଗରେ ସ୍ୱଚ୍ଛତା ଅବଲମ୍ବନ ଦିଗରେ ସେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ମାଲକାନଗିରି ବ୍ଲକ ଅଧକ୍ଷ ଶ୍ରୀ ଅକ୍ଷୟ ନାଏକ ସୂଚନା ଅଧିକାର ଆଇନ ଦ୍ୱାରା ଅନେକ ପରିବର୍ତ୍ତନ ଆସିଛି । ପୂର୍ବରୁ ଯେକୌଣସି ବ୍ୟକ୍ତି ସରକାରୀ ଅଫିସରେ ସୂଚନା ମାଗିବା ପାଇଁ ଭୟ କରୁଥିଲେ ଏବଂ ସରକାରୀ ଦପ୍ତର ମଧ୍ୟ ତଥ୍ୟରେ ଗୋପନୀୟତା ରଖୁଥିଲେ । ଇନ୍ଦିରା ଆବାସ, ସରକାରୀ କଲ୍ୟାଣମୂଳକ ଯୋଜନାର ହିତାଧିକାରୀ ଚୟନ ଆଦିରେ ସ୍ୱଚ୍ଛତା ଆସିଛି । ସୂଚନା ଅଧିକର ଆଇନ ଦ୍ୱାରା ବିକାଶ ତ୍ୱରାନିତ୍ୱ ହୋଇଛି । ଏହାଦ୍ୱାରା ବ୍ୟକ୍ତିର ସ୍ୱାଧୀନତା ଓ ସମ୍ମାନ ବଢ଼ିଛି ବୋଲି ନିଜର ମତ ରଖିଥିଲେ । ବର୍ତ୍ତମାନ ଶାସନ ନାଗରିକଙ୍କ ନିକଟରେ ଉତ୍ତରଦାୟୀ ହେଉଛି ।

ଅଗ୍ରଗାମୀର ପ୍ରକଳ୍ପ ସଂଯୋଜକ ଶ୍ରୀ ମହେନ୍ଦ୍ର ନାଥ ଇ.ୟୁ. ପ୍ରକଳ୍ପର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ରଖିଥିବା ବେଳେ ଶ୍ରୀ ଅତୁ୍ୟଲ ନାଏକ ଏହି ପ୍ରକଳ୍ପ ଦ୍ୱାରା ସାରା ଓଡ଼ିଶାର ୧୦ଟି ଜିଲ୍ଲାରେ ଏହାର ପ୍ରଭାବ ସମ୍ପର୍କରେ ସୂଚନା ରଖିଥିଲେ । ଏହି ବୈଠକରେ ଜିଲ୍ଲା ସୂଚନା ଅଧିକାର ମଂଚ ପୂନଃଗଠନ ହେବା ସହିତ ପ୍ରତି ତିନିମାସରେ ଥରେ ବୈଠକ ବସିବ ବୋଲି ନିଷ୍ପତ୍ତି ହୋଇଥିଲା । ଏହି କମିଟିରେ ପ୍ରତିବ୍ଲକରୁ ସଦସ୍ୟ ରହିବା ପାଇଁ ବଛା ଯାଇଥିଲା । କୌଣସି ଅନୁଷ୍ଠାନର ସହାୟତା ବିନା ଜିଲ୍ଲାସ୍ତରୀୟ ସୂଚନା ଅଧିକାର ମଂଚ ବୈଠକ ବସିବ ଏବଂ ଜିଲ୍ଲାର ବିକାଶ, ସ୍ୱଚ୍ଛତା ଏବଂ ପଛୁଆ ବର୍ଗର ଜନସାଧାରଣ କିପରି ସରକାରୀ କଲ୍ୟାଣ ଯୋଜନାର ସୁଫଳ ପାଇବେ, ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।



ଏହି ବୈଠକର ମାଲକାନଗିରି ଜିଲ୍ଲାର ୧୦ଟି ବ୍ଲକରୁ ୬୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରେ ଅଧିକାଂଶ ନିର୍ବାଚିତ ପଂଚାୟତରାଜ ପ୍ରତିନିଧି ଥିଲେ । ବିଭିନ୍ନ ବ୍ଲକରୁ ଆସିଥିବା ସରପଂଚ ନିଜ ନିଜ ମତ ରଖିଥିଲେ ଏବଂ ଜିଲ୍ଲା ସୂଚନା ଅଧିକାର ମଂଚକୁ କ୍ରୀୟାଶୀଳ କରି ରଖିବାରେ ନିଜର ପରାମର୍ଶ ଦେଇଥିଲେ । ଶେଷରେ ଶ୍ରୀ ହରିଶ ବେହେରା ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ ।

---



# ସର୍ବନିମ୍ନ ମଜୁରୀ

ତା.୩୦.୧୦.୨୦୧୮ ରିଖ ଠାରୁ

| ଶ୍ରମିକ ବର୍ଗ | ଦୈନିକ ମଜୁରୀ ହାର | |
|---|---|---|
| | ପୂର୍ବରୁ | ବର୍ତ୍ତମାନ |
| ଅଣକୁଶଳୀ ଶ୍ରମିକ | ୨୦୦ ଟଙ୍କା | ୨୮୦ ଟଙ୍କା |
| ଅର୍ଦ୍ଧକୁଶଳୀ ଶ୍ରମିକ | ୨୨୦ ଟଙ୍କା | ୩୨୦ ଟଙ୍କା |
| କୁଶଳୀ ଶ୍ରମିକ | ୨୪୦ ଟଙ୍କା | ୩୭୦ ଟଙ୍କା |
| ଅତି କୁଶଳୀ ଶ୍ରମିକ | ୨୬୦ ଟଙ୍କା | ୪୩୦ ଟଙ୍କା |

- ସର୍ବନିମ୍ନ ମଜୁରୀ ନ ପାଇଲେ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।
- ସର୍ବନିମ୍ନ ମଜୁରୀ ନ ଦେଲେ ସଂପୃକ୍ତ ନିଯୁକ୍ତିଦାତାଙ୍କୁ କାରାଦଣ୍ଡ ଏବଂ ଜୋରିମାନା ଭୋଗିବାକୁ ପଡ଼ିପାରେ ।

ସଠିକ ମଜୁରୀ ପ୍ରଦାନ, ଶ୍ରମିକଙ୍କୁ ସମ୍ମାନ ।

ସୌଜନ୍ୟ : ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା

**ଗତ ନଭେମ୍ବର ୧୧ ଓ ୧୨ ଦୁଇଦିନ ଧରି ସରକାରୀ ଯୋଜନା, ସୂଚନା ସମ୍ବନ୍ଧୀୟ ଅଗ୍ରଗାମୀ-ୟୁରୋପିୟାନ ୟୁନିୟନର ମିଳିତ ପ୍ରକଳ୍ପ : ପଛୁଆ ଗୋଷ୍ଠୀଙ୍କର ପୁଷ୍ଟିସାର ଓ ପୋଷାହାର ନିରାପତ୍ତା ସମ୍ବନ୍ଧୀୟ ସୂଚନା କାର୍ଯ୍ୟକ୍ରମର ୨୦୧୪ ମସିହାରୁ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟକ୍ରମର ସଫଳତା, ସୀମିତତା ଓ ବିଫଳତାକୁ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ପ୍ରକଳ୍ପ କାର୍ଯ୍ୟକାରି ହେଉଥିବା ୧୦ଟି ଜିଲ୍ଲାର ନାଗରିକ ଚେତନା ମଂଚ, ଜିଲ୍ଲା ସୂଚନା ଅଧିକାର ମଂଚର ସଦସ୍ୟ ସଦସ୍ୟା ଯୋଗ ଦେଇ ନିଜର ମତ ଅନୁଭୂତିରୁ ରଖିଥିଲେ । ଏହି ପ୍ରକଳ୍ପର ସଫଳତା ଏବଂ ସୀମିତତାକୁ ନେଇ ମତାମତ ଆସିଥିଲା ତୃଣମଳ ସ୍ତରରୁ । ପ୍ରତି ଜିଲ୍ଲାର ଜଣେ ଜଣେ ନାଗରିକ ଚେତନା ମଂଚ/ ଜିଲ୍ଲା ସୂଚନା ମଂଚର ସଦସ୍ୟ ସଦସ୍ୟାଙ୍କ ମତର କିୟଦିଂଶକୁ ଏଠାରେ ଉପସ୍ଥାପନା କରୁଛୁ ।**

### ଶ୍ରୀ ଜୟଚନ୍ଦ୍ର ମାଝି, ଚାଷୀ, ନାଗରିକ ଚେତନା ମଂଚର ସଦସ୍ୟ ଏବଂ ଜଣେ ସୂଚନା ଅଧିକାର କର୍ମୀ, ତଳଝିରି, ବ୍ଲକ : କାଶୀପୁର, ରାୟଗଡ଼ ।

ମୁଁ ପୂର୍ବରୁ ସୂଚନା ଅଧିକାର ଆଇନ ସମ୍ପର୍କରେ ଜାଣିନଥିଲି । ଏହି ଆଇନ ଦ୍ୱାରା ସୂଚନା ଆଇନ ସମ୍ପର୍କରେ ଜାଣିଲି । ଅଙ୍ଗନବାଡ଼ି କେନ୍ଦ୍ର ସମ୍ପର୍କରେ ପ୍ରଶ୍ନ କରିଛି । ଆମର ଗ୍ରାମରେ ପାଇପ୍ ଜଳ ବ୍ୟବସ୍ଥା ହୋଇଥିଲା, କିନ୍ତୁ ପାଣି ପାଇପ ଦ୍ୱାରା ଆସୁନଥିଲା । ଆମେ ସୂଚନା ଅଧିକାର ଆଇନ ଦ୍ୱାରା ଏ ସମ୍ପର୍କରେ ତଥ୍ୟ ମାଗିବା ଦ୍ୱାରା ୧୫ ଦିନ ମଧ୍ୟରେ ଆମର ଗ୍ରାମକୁ ଜଳଯୋଗାଣ ହେଲା ।

ଆମ ଅଂଚଳରେ ସୂଚନା ଅଧିକାର ଆଇନ ସମ୍ପର୍କରେ ଲୋକେ ଜାଣିଛନ୍ତି । ବିଭିନ୍ନ ଗ୍ରାମରେ ମନରେଗା, ସ୍କୁଲ ପରିଚାଳନା କମିଟି, ଅଙ୍ଗନବାଡ଼ି କେନ୍ଦ୍ର, ଗ୍ରାମସଭା,ଆଦି ସମ୍ପର୍କରେ କାନ୍ତୁଲେଖାମାନ ହୋଇଛି । ଯେଉଁମାନେ ପାଠ ପଢ଼ିଛନ୍ତି, ପଢୁଛନ୍ତି, ଯେଉଁ ମାଆମାନେ ପାଠ ପଢ଼ିନାହାନ୍ତି, ସେମାନେ ଅନ୍ୟମାନଙ୍କୁ ପଚାରି ବୁଝୁଛନ୍ତି । ମୋର ବ୍ୟକ୍ତିଗତ ଭାବରେ ଜାଣିବା ଦ୍ୱାରା ମୁଁ ଗୋଷ୍ଠୀର ବିକାଶ ନିମନ୍ତେ ଆବଶ୍ୟକ ବେଳେ ସୂଚନା ଅଧିକାର ଆଇନରେ ସୂଚନା ମାଗିଛି ଏବଂ ଅନେକ କ୍ଷେତ୍ରରେ ଜନସାଧାରଣଙ୍କୁ ସୁଫଳ ମିଳିଛି ।

### ଶ୍ରୀ ଏରା ପଡ଼ିଆମୀ, କୋରଖୁଂଟା, ମାଲକାନଗିରି



ନାଗରିକ ଚେତନା ମଂଚ ତରଫରୁ ଆମକୁ ଡାକୁମେଂଟ ସମ୍ପର୍କରେ କିଛି ସୂଚନା ଦେଉନଥିଲେ । ତଥ୍ୟ ମାଗୁଥିଲେ ବୁଲାଉଥିଲେ । ଆମେ ପଂଚାୟତ ନାଗରିକ ଚେତନା ମଂଚ ଗଠନ ହେଲା ପରେ ଏହାର ସୁଫଳ ମିଳିଛି । ବ୍ଲକ ସ୍ତରରେ ବ୍ଲକ ସୂଚନା କେନ୍ଦ୍ର ଖୋଲା ହେବା ପରେ ଅନେକ ଗ୍ରାମବାସୀ ଆସି ଭିନ୍ନ ଭିନ୍ନ ବିଷୟରେ ସୂଚନା ମାଗିଛନ୍ତି । ଆମେ ବିଭିନ୍ନ ପ୍ରକାର ସରକାରୀ ଫର୍ମ ରଖୁଥିଲୁ । ହାଟଦିନ ଜନସାଧାରଣ ଆସୁଥବଲେ, ଯାହାକୁ ଯାହା ଆବଶ୍ୟକ, ତାହାକୁ ଆମେ ଯୋଗାଇ ଦେଉଥିଲୁ ।

ଏମ୍.ଭି ୧୯ରେ ଡାକ୍ତର ନରହି ମାଲକାନଗିରି ଡାକ୍ତରଖାନାରେ ରହି ରୋଗୀ ସେବା କରୁଥିଲେ । ଆମେ ଏମ.ଭି. ୧୯ର ଡାକ୍ତରଖାନାର ଡାକ୍ତରଙ୍କ ସମ୍ପର୍କର ସୂଚନା ମାଗିଲୁ । ଏହାପରେ ଏମ୍.ଭି. ୧୯ରେ ଡାକ୍ତର ନିଜ ଡାକ୍ତରଖାନାରେ ରୋଗୀ ସେବା କଲେ । ଅନେକ ଗ୍ରାମବାସୀ ଏହାଦ୍ୱାରା ଉପକୃତ ହେଲେ ।

ଆମ ପାଇଁ ସୂଚନା ଅଧିକାର ଆଇନ ଅନେକ ସୁଫଳ ଆଣିଦେଇଛି । ଆମ ବ୍ଲକରେ ୭ ଜଣ ସରପଂଚ ଏକାଠି ହୋଇ ଜିଲ୍ଲା ସୂଚନା ମଂଚ ଗଠନ କରିଛୁ । ୩ ମାସକୁ ଥରେ ବୈଠକ କରିବୁ ବୋଲି ନିଷ୍ପତ୍ତି ନେଇଛୁ । ଆମେ ୨୦୧୯ ମସିହାରୁ ଅନୁଷ୍ଠାନର ସହାୟତା ଉପରେ ନିର୍ଭର କରିବୁନାହିଁ । ଏଥିପାଇଁ ଆବଶ୍ୟକ ହେଲେ ଆମମଧ୍ୟରେ ଚାନ୍ଦା ସଂଗ୍ରହ କରି ଏହି କାର୍ଯ୍ୟକ୍ରମ ପରିଚାଳନା କରିବୁ ।

ଡିସେମ୍ବର ପ୍ରଥମ ସପ୍ତାହରେ ୪୦ କିଲୋମିଟର ଧରି ଆମ ଜିଲ୍ଲା ଶିକ୍ଷା ବଂଚାଅ ର୍ୟାଲି କରିବାର ଯୋଜନା ରହିଛି ।

ଆମ ଅଂଚଳରେ ୧୩ ପ୍ରକାର ଆଦିବାସୀ ରହୁଛନ୍ତି। ଆମ ଅଂଚଳରେ ଶିକ୍ଷାର ସ୍ଥିତି ଅତି ଖରାପ । ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତିକୁ ଏକ ର୍‍ୟାଲି କରାଯିବ । ସ୍କୁଲ ପରିଚାଳନା କମିଟି ପ୍ରତି ମାସରେ ସ୍କୁଲ ପରିଦର୍ଶନ କରୁଛନ୍ତି।

ଆମେ ଶିକ୍ଷା ଷ୍ଟାଣ୍ଡିଂ କମିଟିର କିପରି କ୍ରିୟାଶୀଳ ହୋଇପାରିବ, ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଉଛୁ। ବ୍ଲକରେ କିଛି ଜଣ ଶିକ୍ଷକ ନିଷ୍ଠାପର ଭାବରେ ସେମାନଙ୍କର କାମ କରୁଛନ୍ତି, ଆମେ ସେମାନଙ୍କୁ ସମ୍ମାନ ଓ ସହଯୋଗ କରୁଛୁ। ଯେଉଁଠି ପାଠପଢ଼ା ଭଲ ହେଉଛି, ଆମେ ଶିକ୍ଷକଙ୍କୁ ଯଥେଷ୍ଟ ସମ୍ମାନ ଦେଉଛୁ।

ସୂଚନା ଅଧିକାର ଆଇନ ଏବଂ ଇ.ୟୁ. ପ୍ରକଳ୍ପ ଆମକୁ ଅନେକ କ୍ଷେତ୍ରରେ ସଶକ୍ତିକରଣ କରିପାରିଛି । ସୂଚନା ଦ୍ୱାରା ଆମେ ଅନେକ କ୍ଷେତ୍ରରେ ସଫଳ ହୋଇଛୁ। ଆମେ ୭୫ ଭାଗ ସଫଳ ହୋଇଥିଲା ବେଳେ ଆଉ ୨୫ ଭାଗ ବାକି ରହିଛି।

ନୂଆ ନୂଆ ଚ୍ୟାଲେଞ୍ଜ ଆସୁଛି । ବିଦ୍ୟାଳୟଗୁଡ଼ିକ ଚାଲିଲେ ମଧ୍ୟ ଗୁଣାତ୍ମକ ଶିକ୍ଷା ହୋଇପାରୁନାହିଁ। ନିକଟରେ ଗାଁରେ ଥିବା ସମସ୍ୟାକୁ ଚହ୍ନଟ କରି ଗ୍ରାମସ୍ତରରେ ସମସ୍ୟାର ସମାଧାନ କରିବୁ।

**ଶ୍ରୀମତୀ ସାଇବାଣୀ ଜାନୀ, ବାଇଗୁଡ଼ା, ଟିକାୟ, ଦଶମନ୍ତପୁର, କୋରାପୁଟ**



ମୁଁ ଯେତେବେଳେ ସରଂପଚ ଭାବରେ ନିର୍ବାଚିତ ହୋଇଥିଲି, କିଛି ନୀତିନିୟମ ଜାଣିନଥିଲି । ଆସ୍ତେ ଆସ୍ତେ ଜାଣିଲି । ମୁଁ ମାଆମାନଙ୍କୁ ପଲ୍ଲିସଭା ଗ୍ରାମସଭାକୁ ଆସ, ଭାଗ ନିଅ ବୋଲି କହିଲି। ଜଙ୍ଗଲ ଜମି ପଟ୍ଟା ପାଇଁ କଲ୍ୟାଣ ଅଧିକାରୀଙ୍କ ଙ୍କ ସହଯୋଗରେ ଆବେଦନ କଲୁ । ଆମେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ନିୟମିତ କଲୁ । ମିନି ଅଙ୍ଗନବାଡ଼ିକୁ ନିୟମିତ ଅଙ୍ଗନବାଡ଼ି ମାନ୍ୟତା ମିଳିଲା।

ପୂର୍ବରୁ ସ୍କୁଲରେ ଭଲ ପାଠପଢ଼ା ହେଉନଥିଲା । ଭଲ ପାଠପଢ଼ା ହେଲା । ନିୟମିତ ଶିକ୍ଷକ ଆସିଲେ । ପଂଚାୟତ ମହକୁମା ସ୍କୁଲ ଭଲ ଚାଲିବାରୁ ନିକଟସ୍ଥ ସ୍କୁଲଗୁଡ଼ିକରେ ମଧ୍ୟ ପ୍ରଭାବ ପଡ଼ିଲା। ୩ଟି ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ନଥିଲା। ସେହି ଗ୍ରାମଗୁଡ଼ିକରେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିଲା। ଜବ କାର୍ଡ଼ କେତେଜଣ ପାଇନଥିଲେ । ପଂଚାୟତ ସହାୟତାରେ ଜବକାର୍ଡ଼ ଏବଂ କାମ ପାଇଲେ। ଲୋକମାନେ କାମ ପାଇଁ ବ୍ଲକରେ ଦାବୀ କରିଛନ୍ତି ଏବଂ ପାଇଛନ୍ତି । ପଂଚାୟତରେ ଅନେକ କାମ ହୋଇଛି।

ଇ.ୟୁ. ପ୍ରକଳ୍ପ ଦ୍ୱାରା ଆମ ପଂଚାୟତରେ ଅନେକ ତାଲିମ, ମିଟିଂ ହୋଇଛି । ଗ୍ରାମବାସୀ ସ୍କୁଲ ପରିଚାଳନା କମିଟି, ଶିକ୍ଷା ଅଧିକାର ଆଇନ, ଅଙ୍ଗନବାଡ଼ି, ସ୍ୱାସ୍ଥ୍ୟକର୍ମୀଙ୍କ ଦାୟିତ୍ୱ ଆଦି ଅନେକ ସରକାରୀ ଯୋଜନା ସମ୍ପର୍କରେ ସଚେତନ ହୋଇଛନ୍ତି। ମୁଁ ମଧ୍ୟ ଅନେକ ଏହାଦ୍ୱାରା ଲାଭାନିତ୍ୱ ହୋଇଛି ଏବଂ ପଂଚାୟତରେ କାର୍ଯ୍ୟକାରି କରିବା ପାଇଁ ପ୍ରୟାସ କରିଛି । ଏହାର ଫଳସ୍ୱରୂପ ୨୦୧୭ ମସିହାରେ କୋରାପୁଟ ଜିଲ୍ଲାରେ ମୋର ପଂଚାୟତ ପୁରସ୍କାର ପାଇଥିଲା।

**ଶ୍ରୀ ସୁଦର୍ଶନ କହଁର, ଲୁଇସିଂ, କନ୍ଧମାଳ**

ଫିରିଙ୍ଗିଆ ବ୍ଲକରେ ଇ.ୟୁ. ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଅଂଚଳରେ ଅନେକ ପରିବର୍ତ୍ତନ ହୋଇଛି, ଅନେକ ସଚେତନ




ବଢ଼ିଛି, ଅନେକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ନିୟମିତ ହୋଇଛି । ଆମେ ଅନେକ କ୍ଷେତ୍ରର ସଫଳ ହୋଇଛୁ, ଅନେକ କାମ ବାକି ରହିଛି । ଆମ ଅଂଚଳର ମାଆମାନେ ଏହି କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ବିଷୟରେ ଜାଣିଛନ୍ତି। ସମସ୍ୟା ସମାଧାନ ନହେଲେ ଆମେ ଜିଲ୍ଲାପାଳଙ୍କୁ ଯାଇ ଭେଟିଛୁ । ମାଆମାନେ ଏକାଠି ହୋଇ ମଦମୁକ୍ତି ଆନ୍ଦୋଳନ ଚଳାଇଛନ୍ତି ଏବଂ କେତେମାତ୍ରାରେ ସଫଳ ହୋଇଛନ୍ତି । କିଛି ମାଆମାନେ ନିର୍ଭୀକ ହୋଇଛନ୍ତି । ଯୋଗ୍ୟ ହିତାଧିକାରୀ ରେଶନ କାର୍ଡ଼, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ପାଇଛନ୍ତି।

**ଶ୍ରୀମତୀ ହେମଲତା ପ୍ରଧାନ, କଇଁଝର, ଟିକାବାଲି**



ଆମ ଗ୍ରାମରେ ଅଙ୍ଗନବାଡ଼ି ଠିକ୍ ଭାବରେ ଚାଲୁନଥିଲା, ଏହି କାର୍ଯ୍ୟକ୍ରମ ହେବା ଫଳରେ ଅଙ୍ଗନବାଡ଼ି ଠିକ୍ ଭାବରେ ଚାଲିଲା। ନଳକୂପ ଠିକ୍ ଭାବରେ କାମ କରୁନଥିଲା । ସୂଚନା ଅଧିକାର ଆଇନରେ ତଥ୍ୟ ମାଗିବା ପରେ ନଳକୂପ ଠିକ ହେଲା । ଗ୍ରାମବାସୀ ପୂର୍ବରୁ ବହୁ ଦୂରାନ୍ତକୁ ପାଣି ଉପରେ ନିର୍ଭର

କରୁଥିଲେ, ତାହାର ସମସ୍ୟା ସମାଧାନ ହେଲା ।ମନରେଗାରେ କାମ ପାଉଥିଲେ ମଧ୍ୟ, ୧୫ ଦିନ ମଧ୍ୟରେ ମଜୁରୀ ଅର୍ଥ ପାଇବା କଥା ପାଉନାହାନ୍ତି । ଏହା ସମ୍ପର୍କରେ ଲଢ଼ିବା ଦରକାର । ଦ୍ୱିତୀୟ କଥା ହେଲା ମନରେଗାରେ ଯଦି ୧୫ ଦିନରେ ମଜୁରୀ ପାଇବାରେ ଅସୁବିଧା ହୁଏ, ଯଦି ଅତ୍ୟଧିକ ବିଳମ୍ବ ହେବ, ତେବେ ଏଥିପାଇଁ ଅର୍ଥଦଣ୍ଡ ହେବା କଥା, ଏହା ହୋଇପାରୁନହିଁ । ଲୋକମାନେ କାମ କରୁଛନ୍ତି କେବେ ମାଷ୍ଟର ରୋଲ୍‌ରେ ଏନ୍‌ଟ୍ରୀ ହେଉଛି, ତାହା ଜାଣିପାରୁନାହାନ୍ତି । ଅନେକ ସମୟରେ କାମ ସରିବା ପରେ ଏଂଟ୍ରି କରୁଛନ୍ତି । ଏହାକୁ କାମ କରୁଥିବା ଲୋକମାନେ ପ୍ରଶ୍ନ କରୁନାହାନ୍ତି ଅଗ୍ରଗାମୀ କାମ କରୁଛି, ବର୍ତ୍ତମାନ ବନ୍ଦ କରିବ, ଏହି କାର୍ଯ୍ୟକ୍ରମର ସଫଳତା ଭବିଷ୍ୟତରେ କେତେ ମିଳିବ, ତାହା ସଂଦେହ ହେଉଛି । ବର୍ଷ ପରେ ଆଉ ମନରେଗାରେ ଲୋକଙ୍କୁ କାମ ମିଳୁନାହିଁ । ପ୍ରାୟ ମଇ ମାସରୁ ଅକ୍ଟୋବର, ନଭେମ୍ବର ମାସ ପର୍ଯ୍ୟନ୍ତ ମନରେଗାରେ କାମ ମିଳୁନାହିଁ । ସେହି ସମୟରେ ମଧ୍ୟ ଯିଏ କାମ ମାଗିବ, ତାକୁ ମିଳିବା କଥା । ଏ ସମ୍ପର୍କରେ ଅଧିକ ଆଲୋଚନା, କାମ କରିବାର ଆବଶ୍ୟକତା ରହିଛି ।

**ଶ୍ରୀ ଟଙ୍କଧର ବାଗାର୍ତ୍ତୀ, ସୂଚନା ଅଧିକାର କର୍ମୀ ଏବଂ ନାଗରିକ ଚେତନା ମଂଚର ସଦସ୍ୟ,କଳାହାଣ୍ଡି**



ସୂଚନା ସମ୍ବନ୍ଧୀୟ ପ୍ରକଳ୍ପ ଦ୍ୱାରା ଅନେକ ପ୍ରଭାବ ପଡ଼ିଛି । ଆମ ଅଂଚଳର ମୁଖ୍ୟତଃ ଗାଁ ଗହଳିରେ ରହୁଥିବା ଲୋକମାନେ ସୂଚନା ଅଧିକାର ଆଇନ ସମ୍ପର୍କରେ ଜାଣି ନଥିଲେ । ମୁଁ ମଧ୍ୟ ଜାଣିନଥିଲି । ସୂଚନା ଅଧିକାର ଆଇନ ସମ୍ପର୍କରେ ତାଲିମରେ ଯୋଗ ଦେଲି ।ଆମ ବ୍ଲକରେ କେତେ ଅଂଚଳରେ ମଶାରି ବଣ୍ଟା ଯାଇଥିଲା । ଅନେକ ଅଂଚଳରେ ବଣ୍ଟା ଯାଇନଥିଲା । ଆମେ ସୂଚନା ଅଧିକାର ଆଇନ ମାଧ୍ୟମରେ ମଶାରି କେତୋଟି ବ୍ଲକକୁ ଆସିଛି, କେତେ ବଂଟା ହୋଇଛି, ଏ ସମ୍ପର୍କରେ ସୂଚନା ମାଗିଥିଲୁ । ସୂଚନା ମାଗିବାର ୧୫ ଦିନ ମଧ୍ୟରେ ବ୍ଲକର ସମସ୍ତ ଆଭ୍ୟନ୍ତରିଣ ଅଂଚଳରେ ମଶାରି ବଂଟା ଯାଇଥିଲା ।

ଏହି ପ୍ରକଳ୍ପ ଦ୍ୱାରା ଲୋକଙ୍କର ଜୀବନଜୀବିକା ଉପରେ ପ୍ରଭାବ ପଡ଼ିଛି । ଅନେକ ଗ୍ରାମବାସୀ ମନରେଗାରେ କାମ ପାଇଛନ୍ତି । ସରକାରୀ ଯୋଜନା କାର୍ଯ୍ୟକାରି ହୋଇଛି ଓ ଏହାର ସୁଫଳ ମିଳିଛି । ପୂର୍ବରୁ ଆଠ ମାସ ବାହାରେ ରହୁଥିଲେ । ବର୍ତ୍ତମାନ ୪ ମାସ ବାହାରେ ଜୀବିକା ଉଦ୍ଦେଶ୍ୟରେ ରହୁଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ବଢ଼ିଲା ଝିଅମାନଙ୍କ ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲୁ । ଏହି କାର୍ଯ୍ୟକ୍ରମ ଦ୍ୱାରା ଅନେକ ପ୍ରଭାବ ପଡ଼ିଛି । ଏହାର ଭଲ ଫଳ ମିଳିଛି । ଗୋଷ୍ଠୀଙ୍କର ଚିରସ୍ଥାୟୀ ଜୀବିକା ତଥା ସେମାନଙ୍କର ବିକାଶକୁ ନେଇ କିଛି ହୋଇଥିଲେ ଭଲ ହୋଇଥାଆନ୍ତା । ଏହି ପ୍ରକଳ୍ପ ଦ୍ୱାରା ମୁଁ ଜଣେ ସୂଚନା ଅଧିକାର ଆଇନ ସମ୍ପର୍କରେ ସାଧନ ବ୍ୟକ୍ତି ହୋଇପାରିଛି । ମୋର ଏହି ପ୍ରକଳ୍ପ ମୋତେ ନୂତନ ପରିଚୟ ସୃଷ୍ଟି କରିଛି । ସେଥିପାଇଁ ମୋତେ ଖୁସୀ ଲାଗୁଛି । ମାଆମାନଙ୍କର ଯଥେଷ୍ଟ ମାତ୍ରାରେ ସଶକ୍ତିକରଣ ହୋଇଛନ୍ତି । ସେମାନେ ପଂଚାୟତରେ ଯାଇ ଅଭିଯୋଗ କରୁଛନ୍ତି । ବ୍ଲକୁ ମଧ୍ୟ ଯାଉଛନ୍ତି । କେଉଁ ସମସ୍ୟା କେଉଁଠି ନିରାକରଣ ହୋଇପାରିବ,ସେ ସମ୍ପର୍କରେ ମଧ୍ୟ ଧାରଣା ଆସିଲାଣି ।

**ଶ୍ରୀମତୀ ସଂଘମିତ୍ରା ଶବର, ଜିଲ୍ଲା ସୂଚନା ମଂଚର ସଭାପତି, ଗଜପତି**



ସୂଚନା ଅଧିକାର ଆଇନ ଏକ ଭଲ ପଦକ୍ଷେପ । ଏହା ଜନସାଧାରଣଙ୍କୁ ଅଧିକ ସଶକ୍ତିକରଣ କରିଛି । କିନ୍ତୁ କିଛି ଲୋକଙ୍କ ପାଇଁ ଏହା ପେସା ପାଲଟି ଯାଇଛି।

କେତେକଙ୍କ ପାଇଁ ବ୍ୟବସାୟ ପାଲଟିଯାଇଛି । ଅନେକ ସୂଚନା ଅଧିକାର ଆଇନରେ ତଥ୍ୟ ମାଗୁଛନ୍ତି, କିନ୍ତୁ ଡକ୍ୟୁମେଂଟ ପାଇଁ କପି ନିମନ୍ତେ ଅର୍ଥ ବାନ୍ଧିବା ବେଳେ ଅର୍ଥ ନବାନ୍ଧି ଚୁପ୍ ରହିଯାଉଛନ୍ତି ।

ସ୍ୱେଚ୍ଛାସେବୀ ସଂଗଠନ ଯେଉଁଠି ସରକାରୀ ଅନୁଷ୍ଠାନ ପହଂଚିପାରେନାହିଁ, ସେଇଠି ପହଂଚିଥାଏ । ଆମକୁ ଯେକୌଣସି କାର୍ଯ୍ୟ କଲେ ସମ୍ପୂର୍ଣ୍ଣ ସଫଳତା ପାଇବା ପାଇଁ ଗୁରୁତ୍ୱ ଦେବାକୁ ପଡ଼ିବ । ଆମକୁ ସମସ୍ୟା ସହିତ ଯୁଝିବାକୁ ପଡ଼ିବ । ଗୋଷ୍ଠୀର ବିକାଶ ଏବଂ ଗୋଷ୍ଠୀର ସମସ୍ୟାକୁ ଯଦି ଆମେ ନିରାକରଣ କରିବା , ତେବେ ଏହା ନିଶ୍ଚୟ ସୁଫଳ ମିଳିବ ଏବଂ ଗୋଷ୍ଠୀଗତ ଭାବରେ ଲଢ଼ିବା ପାଇଁ ଶକ୍ତି ମିଳିବ ।

**ଶ୍ରୀ ପ୍ରେମାନନ୍ଦ ସାହୁ, ବଲାଙ୍ଗିର**

ଏହି କାର୍ଯ୍ୟକ୍ରମ ଦ୍ୱାରା ଅନେକ ସୁପ୍ରଭାବ ପଡ଼ିଛି । ଗ୍ରାମବାସୀ, ଲୋକଙ୍କର ମଧ୍ୟର ମନୋବଳ ବଢ଼ିଛି । ଅନେକ ଗ୍ରାମବାସୀ ବ୍ଲକ ସୂଚନା କେନ୍ଦ୍ରକୁ ଆସି ସୂଚନା ମାଗିଛନ୍ତି । ଫର୍ମ ପୂରଣର ସହଯୋଗ ପାଇଛନ୍ତି ।

ବିଭିନ୍ନ ବିଷୟରେ ବୁଝିଛନ୍ତି ।



ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବାରୁ ଲୋକମାନେ ଏହାର ସୁବିଧା ଓ ସୁଯୋଗ ନେଇଛନ୍ତି।

## ଶ୍ରୀମତୀ ଦୁର୍ଗା ମାଣ୍ଡି, ମୟୂରଭଞ୍ଜ

ଦୁଇବର୍ଷ ତଳେ ରାଜ୍ୟସ୍ତରୀୟ ସୂଚନା ଅଧିକାର ବୈଠକରେ ଯୋଗ ଦେଇଥିଲି। ସେତେବେଳେ କିଛି ହୋଇନି ବୋଲି ଶୁଣୁଥିଲି। ବର୍ତ୍ତମାନ ଅନେକ କିଛି ହୋଇଛି, ସଫଳତା ମିଳିଛି ବୋଲି ଶୁଣିଲି, ଖୁସି ଲାଗୁଛି।

ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଜୀବିକା, ଗ୍ରାମସଭା, ଅଙ୍ଗନବାଡ଼ି ଆଦି ଜୀବନ ଜୀବିକାରେ ଅତି ଆବଶ୍ୟକ। ଠାକୁରମୁଣ୍ଡା ଅଂଚଳରେ ଅନେକ କାମ ହୋଇଛି ମାଆମାନଙ୍କ ଦ୍ୱାରା। ମାଆମନେ ଅନେକ କ୍ଷେତ୍ରରେ ସଶକ୍ତିକରଣ ହୋଇଛନ୍ତି। ସରକାରଙ୍କର ଯୋଜନାଗୁଡ଼ିକୁ ଆମକୁ ଲାଗୁ କରିବାକୁ ପଡ଼ିବ। ଆମ ପାଇଁ ସରକାର ଯେଉଁ ଯୋଜନା କରୁଛନ୍ତି, ତାହାକୁ ଆମକୁ ହକ୍ ଭାବରେ ଦାବୀ କରି ନେବାକୁ ପଡ଼ିବ।

ଆମ ପଂଚାୟତ ବୈଠକ, ଗ୍ରାମସଭାରେ ପୁରୁଷ ଯେତିକି ବସନ୍ତି, ମହିଳା ମଧ୍ୟ ସେତିକି ବସନ୍ତି। ମୁଁ ୨୦୦୨ ମସିହାରୁ ସରଂପଚ ହୋଇ ଆସୁଛି। ମୁଁ ଅସିବା ପରଠାରୁ ମାଆମାନଙ୍କର ପଂଚାୟତକୁ ଆସିବା କଥାକୁ ଉତ୍ସାହିତ କରିଛି।

୨୦୧୬ ମସିହାରେ ମୋର ପଂଚାୟତ ବାହ୍ୟ ମଳମୁକ୍ତ ପଂଚାୟତ ଭାବରେ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିଲା। ଆମ ପଂଚାୟତରେ ପାଣି ସମସ୍ୟା ଥିଲା। ମୁଁ ଯଥେଷ୍ଟ ସଂଖ୍ୟାରେ ନଳକୂପ ଖୋଳିବା ପାଇଁ ଚେଷ୍ଟା କଲି ଏବଂ ସଫଳ ହେଲି। ପଂଚାୟତ ଲୋକଙ୍କର ଅତି ଆବଶ୍ୟକତାକୁ ମୁଁ ପ୍ରାଧାନ୍ୟ ଦେଇଛି। ଫଳରେ ଗ୍ରାମବାସୀ ମୋତେ



ଆପଣାଇଛନ୍ତି।

ଆମେ ଅଗ୍ରଗାମୀର ଅନେକ ମିଟିଂ, ତାଲିମ ଦ୍ୱାରା ଯୋଗ ଦେଇ ଅନେକ କଥା ଶିଖିଛି। ଏହିଭଳି କାର୍ଯ୍ୟକ୍ରମ ଚାଲୁ, ମାଆମାନେ ଏହିଭଳି କାର୍ଯ୍ୟକ୍ରମରେ ଅଧିକ ମାତ୍ରାରେ ସାମିଲ ହୁଅନ୍ତୁ, ଏହା ହିଁ କାମ୍ୟ।

## ଶ୍ରୀମତୀ ଜଟଣୀ କହଁର, କନ୍ଧମାଳ



ଆମ ପଂଚାୟତରେ ଅନେକ ଅଂଚଳରେ ଅଙ୍ଗନବାଡ଼ି ନଥିଲା। ଆମେ ଅଙ୍ଗନବାଡ଼ି କେତେ ଲୋକଙ୍କୁ ନେଇ ହେବ, ସେ ସମ୍ପର୍କରେ ଆଣି ଜାଣିଲୁ। ଆମେ ଦାବୀ କଲୁ। ଫଳରେ ଅଙ୍ଗନବାଡ଼ି କେନ୍ଦ୍ର ଆଂମ ଅଚଂଳରେ ଖୋଲିଲା। ପ୍ରଥମେ ଗ୍ରାମବାସୀ ଅଙ୍ଗନବାଡ଼ି ପାଇଁ ଜାଗା ଦେଇଥିଲେ। ଏହାପରେ ଅଙ୍ଗନବାଡ଼ି ଘର ହେଲା। ଆମ ପଂଚାୟତର ଜଣେ ଅଙ୍ଗନବାଡ଼ି କର୍ମୀ ନିୟମିତ ଆସୁନଥିଲେ। ମଝିରେ ମଝିରେ ଆସି ଦୁଇଚାରିଦିନ ରହି ଚାଲିଯାଉଥିଲା। ଆମର ପିଲାମନେ ନାଚଗୀତ ଶିଖୁନଥିଲେ କି ଖାଦ୍ୟ ଠିକ୍ ପାଉନଥିଲେ। ଅମେ ମାଆମାନେ ଏକାଠି ହୋଇ ପଚାରିଲୁ, ତୁ ତୋର ଶାଶୁ ଘରେ ରହିବୁ ନା ଏଠାରେ ରହିବୁ। ଦ୍ୱିତୀୟ ଥର ଆମେ ତାକୁ କହିଲୁ, ତୋ ବିରୋଧରେ ଅମେ ସି.ଡ଼ି.ପି.ଓଙ୍କୁ କହିବୁ। ସେ ଆମେ ସି.ଡ଼ି.ପି.ଓଙ୍କ ନିକଟକୁ ଦରଖାସ୍ତ ଲେଖିବା ବିଷୟ ଜାଣିଲା। ଏହା ପରେ କ୍ଷମା ମାଗିଲା। ବର୍ତ୍ତମାନ ନିୟମିତ ଭାବରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଅଛି।



ଧରିତ୍ରୀ

୨

■ ଗ୍ରାମାଞ୍ଚଳ ଶିକ୍ଷାର ବିକାଶ ପାଇଁ ଅଗ୍ରଣୀ ଭୂମିକା ନେଲେ ସରପଞ୍ଚ

ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅର୍ଥ ଶିକ୍ଷା ପାଇଁ ବିନିଯୋଗ ହେଉ

## ଅଗ୍ରଗାମୀ-ଇ.ୟୁ. ପ୍ରକଳ୍ପ (୨୦୧୪-୨୦୧୮) ମଧ୍ୟରେ ମିଳିଥିବା ସଫଳତା ଚୁମ୍ବକରେ ...

### ସରକାରୀ ଅନୁଷ୍ଠାନ ସହିତ ସମ୍ପର୍କ ମାଧ୍ୟମରେ କାର୍ଯ୍ୟକ୍ରମରେ ସଫଳତା

- ରାଜ୍ୟ ଖାଦ୍ୟ କମିଶନ, ରେଶନ କାର୍ଡ଼, ୧୮୭୯, ଏହାଦ୍ୱାରା ଅନେକ ଗରିବ ରେଖା ତଳେ ଥିବା ପଛୁଆ ଓ ଆଦିବାସୀ ବର୍ଗର ଯୋଗ୍ୟ ହିତାଧିକାରୀ ରେଶନ କାର୍ଡ଼ ପାଇଛନ୍ତି।
- ଜିଲ୍ଲାପାଳଙ୍କ ଅଭିଯୋଗ ଓ ସମସ୍ୟାକୁ ଜଣାଇବା ନିମନ୍ତେ ୧୯୮ ଥର ଭେଟିଛନ୍ତି। ଏହାଦ୍ୱାରା ନିଜ ନିଜର ଅଂଚଳର ସମସ୍ୟା ସହିତ ସରକାରୀ ଅଫିସରଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି।
- ପି.ଡ଼ି., ଡି.ଆର୍.ଡ଼ି.ଏ ଙ୍କ ସମ୍ପର୍କ ରଖି ମନରେଗା ମାଧ୍ୟମରେ ଶ୍ରମ ସୃଷ୍ଟି କରିଛନ୍ତି । ଅନେକ ଜିଲ୍ଲାରେ ମନରେଗା ଶ୍ରମିକ ଦଳଗଠନ କରିଛନ୍ତି । ଟ. ୩.୮୭ କୋଟି ଟଙ୍କାର କାମ ଦାବୀ କରି ପାଇଛନ୍ତି । ଏହାଦ୍ୱାରା ଅନେକ ସଂଖ୍ୟାରେ ଶ୍ରମିକ ଦଳରେ ସାମିଲ ହୋଇ ମନରେଗାରେ କାମ କରିବା ପାଇଁ ଆଗ୍ରହ ଦେଖାଇଛନ୍ତି ଏବଂ ମନରେଗା ମାଧ୍ୟମରେ ରୋଜଗାର ଦିବସ ସୃଷ୍ଟି କରିପାରିଛନ୍ତି।
- ମନରେଗାରେ ୬.୫୬ କୋଟି ଟଙ୍କାର କାମ ପାଇଛନ୍ତି । ନିୟମିତ ଭାବରେ ମଜୁରୀ ପାଇବାରେ ଅନେକ ସଫଳତା ମିଳିଛି। ଏହା ସହିତ ପ୍ରକଳ୍ପ ଅଂଚଳରେ ଦେଶାନ୍ତର ଯିବା କମିଛି।
- ରାଜ୍ୟସ୍ତରୀୟ ମନରେଗା ଶ୍ରମିକ ଦଳ ସମ୍ମିଳନୀ : ମନରେଗା ଶ୍ରମିକ ଦଳ ସମ୍ମିଳନୀ ଥରେ ଅନୁଷ୍ଠିତ ହୋଇଛି । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ସଫଳତା, ସମସ୍ୟା, ଦଳଗତ ପ୍ରୟାସ, ମନରେଗା କାର୍ଯ୍ୟକ୍ରମ ସହିତ ବିଭିନ୍ନ ସରକାରୀ ବିଭାଗ ସହିତ ସମ୍ପର୍କ, ଏବଂ କିପରି ମଜୁରୀ ପାଇବାରେ ବିଳମ୍ବ ନହେବ, ସେ ସମ୍ପର୍କରେ ଆଲୋଚନା ହୋଇଛି।

### ସି.ଡ଼ି.ପି.ଓଙ୍କ ଯୋଗଯୋଗ ମାଧ୍ୟମରେ:

- ସି.ଡ଼ି.ପି.ଓଙ୍କ ସମ୍ପର୍କ ରଖି ୪୭୬ଟି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ନିୟମିତ ହୋଇପାରିଛି। ଏହାର ମୁଖ୍ୟ କାରଣ ମାତୃ କମିଟି ଏବଂ ଯାଂଚ କମିଟିର ପ୍ରଭାବ ଓ ସେମାନଙ୍କର ସାମର୍ଥ୍ୟ ବୃଦ୍ଧି ଦ୍ୱାରା ହୋଇପାରିଛି।
- ୧୩୬ଟି ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନୂତନ ଭାବରେ ତିଆରି ହୋଇଛି । ମାତୃ କମିଟି ଏବଂ ଯାଂଚ କମିଟି ନିୟମିତ ଭାବରେ ଏକାଠି ହେବା ଏବଂ ସି.ଡ଼ି.ପି.ଓଙ୍କ ସହ ଯୋଗଯୋଗ ରକ୍ଷା କରିବା ଏହା ସମ୍ଭବ ହୋଇପାରିଛି।

### ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମାଧ୍ୟମରେ :

- ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସହ ଯୋଗଯୋଗ କରି ୪୧୨ଟି ବିଦ୍ୟାଳୟ ନିୟମିତତା ହୋଇଛି । ଯାଂଚ କମିଟି ଏବଂ ସ୍କୁଲ ପରିଚାଳନା କମିଟି ନିୟମିତ ଆଲୋଚନା କରିବା ଦ୍ୱାରା ଶିକ୍ଷକ ନିୟମିତ ବିଦ୍ୟାଳୟ ଆସିଛନ୍ତି।
- ଅନେକ ବିଦ୍ୟାଳୟରେ ଆବଶ୍ୟକତା ଅନୁସାରେ ଶିକ୍ଷକ ଅଭାବ, ସ୍କୁଲ ପରିଚାଳନା କମିଟିର ପ୍ରଭାବ ଓ ଅଭିଯୋଗ ଫଳରେ ୧୬୪ଟି ଶିକ୍ଷକ ନିଯୁକ୍ତ ହୋଇଛନ୍ତି।
- ୪୨୩ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ନିୟମିତତା ହୋଇପାରିଛି।

### ସି.ଡ଼ି.ଏମ୍.ଓ କ୍ଷେତ୍ରରେ

- ସି.ଡ଼ି.ଏମ୍.ଓ କ୍ଷେତ୍ରରେ ୧୭୩ଟି ଟୀକାକରଣ ଅଙ୍ଗନବାଡ଼ି କେନ୍ଦ୍ରରେ ହୋଇପାରିଛି । ମାତୃକମିଟି ଏବଂ ଯାଂଚ କମିଟି ଏହାକୁ ସହଯୋଗ କରିଛନ୍ତି।
- ମ୍ୟାଲେରିଆ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ହୋଇଛି । ପ୍ରକଳ୍ପ ଅଂଚଳରେ ଯେଉଁଠି ମ୍ୟାଲେରିଆର ପ୍ରଦୁର୍ଭାବ ଅଧିକ ସେଠାରେ ସଚେତନତା ସୃଷ୍ଟ କରାଯାଇଛି । ସି.ଡ଼ି.ଏମ୍.ଓଙ୍କ ତରଫରୁ ମ୍ୟାଲେରିଆ ଅଭିଯାନ କାର୍ଯ୍ୟକ୍ରମ ହୋଇଛି ଏବଂ ମଶାରୀ ସଠିକ୍ ଭାବରେ ହିତାଧିକାରୀଙ୍କ ନିକଟରେ ପହଂଚିଛି।
- ନାଗରିକ ଚେତନା ମଂଚର ୧୫୦୦ଟି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୮୬୧ ପୁରୁଷ ଏବଂ ୩୫୬୩ ମହିଳା ଭାଗ ନେଇଛନ୍ତି। ଏଥିରେ ସରକାରୀ କଲ୍ୟାଣମୂଳକ ଯୋଜନା କିପରି ପହଂଚିବ, ପହଂଚିବାରେ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ଏବଂ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଂଚିବ, ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି।
- ଜିଲ୍ଲା ସୂଚନା ଅଧିକାର ଫୋରମର ବୈଠକ ୨୧ଟି ହୋଇଛି । ଏଥିରେ ୭୦୭ଟି ପୁରୁଷ ଯୋଗ ଦେଇଥିବା ବେଳେ ୫୫୦ଟି ମହିଳା ଯୋଗ ଦେଇଛନ୍ତି। ଏହାର ପ୍ରଭାବ ଫଳରେ ନାଗରକ ସୂଚନା ଅଧିକାର ମଂଚର ସଦସ୍ୟ ସଦସ୍ୟାମାନେ ନିୟମିତ ଭାବରେ ଜିଲ୍ଲା ସୂଚନା ଅଧିକାର ମଂଚର ସଦସ୍ୟ ସଦସ୍ୟାଙ୍କ ସହଯୋଗରେ ଜିଲ୍ଲାସ୍ତରୀୟ ସୂଚନା ଅଧିକାର ମଂଚର ସହାୟତା ନେଇ ଅନେକ ସୁଫଳ ପାଇଛନ୍ତି।

### ଆଂଚଳିକ ଅନୁଷ୍ଠାନ/ଜନ ସଂଗଠନଗୁଡ଼ିକର ସାମର୍ଥ୍ୟ ବିକାଶ

- ନାଗରିକ ଚେତନା ମଂଚ, ମହିଳା ସଂଗଠନ, ଆଦି ଗୁଡ଼ିକର ସାମର୍ଥ୍ୟ ବୃଦ୍ଧି ହୋଇଛି ଏବଂ ସରକାରୀ କର୍ମକର୍ତ୍ତାଙ୍କ ସହିତ ୧୧୮ ଥର ବୈଠକ ହୋଇଛି । ଏଥିରେ ୧୧୧୦୧ ଜଣ ପୁରୁଷ, ୧୧୦୭୬ ମହିଳା ଭାଗ ନେଇଛନ୍ତି । ଏହାଦ୍ୱାରା କାର୍ଯ୍ୟକ୍ରମ କାର୍ଯ୍ୟକାରିତାରେ ସ୍ୱଚ୍ଛତା ଓ ସଫଳତା ଖୋଲିବା ଦିଗରେ ବାଟ ଖୋରାକ ଯୋଗାଇଛି।
- ଜିଲ୍ଲାସ୍ତରୀୟ ଗଣମାଧ୍ୟମ ମିଟିଂ

୨୧ଟି ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୩୨ ପୁରୁଷ ଏବଂ ୮୩୨ ମହିଳା ଭାଗ ନେଇଛନ୍ତି । ଏହାଦ୍ୱାରା ଅନେକ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ହେବା ସହିତ କାମ ଠିକ୍ ସମୟରେ ଏବଂ କାର୍ଯ୍ୟକାରୀ ହେବାରେ କ୍ଷିପ୍ରତା ବୃଦ୍ଧି ପାଇଛି ।

**ମହିଳା ସଶକ୍ତିକରଣ:**

- ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଛି । ଏଥିରେ ୨୩୭୮ ମହିଳା ଭାଗ ନେଇଛନ୍ତି । ଏହାଦ୍ୱାରା ଲିଙ୍ଗଗତ ସମାନତା ଏବଂ ସେମାନଙ୍କର ଅଧିକାର ସାବ୍ୟସ୍ତ କରିପାରିଛନ୍ତି
- ଜିଲ୍ଲାସ୍ତରୀୟ ମହିଳା ଅଧିବେଶନ ଅନୁଷ୍ଠିତ ହୋଇଛି । ଏଥିରେ ୧୪୯୫ ଜଣ ଭାଗ ନେଇଛନ୍ତି । ଏହାଦ୍ୱାରା ସେମାନେ ସଶକ୍ତିକରଣ ହେବା ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନିଜ ନିଜର ସମସ୍ୟାକୁ ଉତ୍ଥାପନ କରିପାରିଛନ୍ତି ।
- ରାଜ୍ୟସ୍ତରୀୟ ମହିଳା ଅଧିବେଶନରେ ୨୧୦ ଜଣ ମହିଳା ଅଂଶଗ୍ରହଣ କରିଛନ୍ତି । ସେମାନଙ୍କ ଅଂଚଳର ସମସ୍ୟା ଉତ୍ଥାପନ କରିବା ସହିତ ପରସ୍ପର ମଧ୍ୟରେ ସଫଳତାକୁ ବଣ୍ଟନ କରିଛନ୍ତି ଏବଂ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ସେମାନେ ସମ୍ମାନିତ, ଉତ୍ସାହିତ ଏବଂ ମାର୍ଗଦର୍ଶନ ପାଇଛନ୍ତି ।

**ମହିଳା ସଶକ୍ତିକରଣ:**

- ନିଶା ନିବାରଣ ଆନ୍ଦୋଳନ : ନିଶା ନିବାରଣ ଆନ୍ଦୋଳନରେ ୫୭୬ ମହିଳା ଭାଗ ନେଇଛନ୍ତି । ଆଦିବାସୀ ଅଂଚଳରେ ଅନେକ ଆଦିବାସୀ ମହିଳା ନିଜ ନିଜ ଅଂଚଳରେ ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇ ମଦବିକ୍ରୀ ବନ୍ଦ କରିପାରିଛନ୍ତି ।
- ଜିଲ୍ଲାସ୍ତରୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ୧୬୭ ଜଣ ମହିଳା ଅଂଶଗ୍ରହଣ କରିଛନ୍ତି । ଏହାଦ୍ୱାରା ସେମାନେ ଦଳଗତ ଭାବେର ସଶକ୍ତିକରଣ ହେବା ସହିତ ଜିଲ୍ଲାପାଳଙ୍କ ସହିତ ବିଭିନ୍ନ ସମସ୍ୟା, ବିକାଶମୂଳକ କାର୍ଯ୍ୟକ୍ରମ, ସମ୍ପର୍କରେ ଆଲୋକପାତ କରିପାରିଛନ୍ତି ।
- ଗ୍ରାମସଭାରେ ଅଂଶଗ୍ରହଣ : ୧୫୫୪୯ ମହିଳା ଗ୍ରାମସଭାରେ ଅଂଶଗ୍ରହଣ କରିଛନ୍ତି ଏବଂ ଗ୍ରାମର ବିକାଶ ଯୋଜନାରେ ସାମିଲ ହୋଇପାରିଛନ୍ତି ।
- ବ୍ଲକ ସୂଚନା କେନ୍ଦ୍ରଗୁଡ଼ିକ କେତେକ କ୍ଷେତ୍ରରେ ଜନ ସେବା କେନ୍ଦ୍ର ଭାବରେ କାର୍ଯ୍ୟକାରି କରିବା ପାଇଁ ନିଷ୍ପତ୍ତି ହୋଇଛି ।

## ସୂଚନା ଅଧିକାର ଆଇନ ସଂକ୍ରାନ୍ତ ଆଲୋଚନା ଚକ୍ର

ରାୟଗଡା,୩୧।୧୦(ସପ୍ର)-ସୂଚନା ଅଧିକାର ଆଇନ ସମ୍ପର୍କୀତ ଏକ କର୍ମଶାଳ ମଙ୍ଗଳବାର ରାୟଗଡା ଜିଲା ସଦର ମହକୁମାସ୍ଥିତ ଅନ୍ଧା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଅଗ୍ରଗାମୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସହଯୋଗୀ ଅନୁଷ୍ଠାନ ଯୁଇର ସହଭାଗିତାରେ ଏହାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ଅବସରରେ ସୂଚନା ଅଧିକାର ଆଇନ ରାୟଗଡା ଜିଲାରେ କେତେ ସଫଳ ହୋଇ ପାରିଛି ତାର ସମୀକ୍ଷା କରାଯାଇଥିଲା । ଏହାସହ ଆଗାମୀ ଦିନରେ ଏହି ଆଇନର ସଦ୍‌ବିନିଯୋଗ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବରିଷ୍ଠ ସ୍ୱେଚ୍ଛାସେବୀ ବାଦଲକୁମାର ତା ଯୋଗଦେଇ ଏଠାରେ ଏହି ଆଇନର ମୂଳଦୂଆ ମଧ୍ୟ ପଡି ନଥିବା କହିଥିଲେ । ଆଇନ ପ୍ରଣୟନ ହେବାର ୧୩ ବର୍ଷ ପରେ ବି ଜିଲାରେ ଅଧିକାଂଶ କାର୍ଯ୍ୟାଳୟରେ ଜନ ସୂଚନା ଅଧିକାରୀ ନଥିବା ଓ ସୂଚନା ଅଧିକାରୀଙ୍କ ଫଳକ ଲାଗି ନଥିବା ସେ କହିଥିଲେ । ଲୋକେ



କୌଣସି ବିଷୟରେ ଆବେଦନ କରିବାକୁ ଗଲେ ବିଭିନ୍ନ କଥା କହି ଭୁଲାଇ ପଠାଇ ଦିଆଯାଉଥିବା ସେ ଅଭିଯୋଗ କରିବା ସହ ଆଇନ ପ୍ରତି କେହି ଉତ୍ତରଦାୟୀ ନଥିବା ସେ କହିଛନ୍ତି । ବକ୍ତା ଡା. ନରେନ୍ଦ୍ରକୁମାର ମିଶ୍ର କେବଳ ଏହି ଆଇନ ନୁହେଁ, ସରକାରଙ୍କ ଲୋକାଭିମୁଖୀ ଯୋଜନା ଯାହାକି ଜୀବନ ଜୀବୀକା ପାଇଁ ଅପରିହାର୍ଯ୍ୟ ତାହା ଆଇନରେ ରୂପାନ୍ତରିତ ହୋଇଥିଲେ ହେଁ ଏହାର ଠିକ ପରିଚାଳନା ପରିବର୍ତ୍ତେ ବିକୃତ କରି ଦିଆଯାଉଛି ବୋଲି କହିଥିଲେ । ସରକାରୀ କର୍ମଚାରୀ ଭାବେ ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଅଜୟକୁମାର ପତି ଯୋଗଦେଇ ସରକାରୀ ଦପ୍ତରରେ କର୍ମଚାରୀଙ୍କ ଅଭାବ ରହିଥିବା କହିଥିଲେ । ଲୋକଙ୍କ ମଧ୍ୟରେ ଏ ନେଇ ଅଧିକରୁ ଅଧିକ ସଚେତନତା ଜନ୍ମାଇବା ଜରୁରୀ ବୋଲି କହିଥିଲେ । ତେବେ ଯାଇ ଆଇନର ସଫଳ ରୂପାୟନ ହୋଇ ପାରିବ ବୋଲି କହିଥିଲେ । ଅନେକ ସମୟରେ ଅତି ପୁରୁଣା ତଥ୍ୟ ମାଗିବା ଦ୍ୱାରା ଯୋଗାଇବା କଷ୍ଟ ସାଧ୍ୟ ହୋଇଥାଏ ବୋଲି କହିଥିଲେ । କର୍ମ କ୍ଷେତ୍ରର ସ୍ୱଚ୍ଛତା ଓ ସ୍ପଷ୍ଟତା ରହିଲେ ଏହି ଆଇନର ଆବଶ୍ୟକତା ରହିବ ନାହିଁ ବୋଲି ସହ ଜିଲାପାଳ ଶିବପ୍ରସାଦ ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ । ଆରଟିଆଇ କର୍ମୀ ରବୀନ୍ଦ୍ର ପାଟଣାୟକ ଆଇନର ଦିଗ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ କ୍ଷେତ୍ର ଅନୁଭୂତିକୁ ଉପସ୍ଥାପନା କରିଥିଲେ । ଅଗ୍ରଗାମୀ ନିର୍ଦ୍ଦେଶକ ତଥା ଆଲୋଚନା ଚକ୍ର ସଭାପତି ଅଚ୍ୟୁତ ଦାସ ନିଜ ବକ୍ତବ୍ୟରେ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଲକ୍ଷ୍ୟ ନେଇ ୨୦୧୪ରୁ ଭାରତ

ବର୍ଷର ୧୪ଟି ଅନୁଷ୍ଠାନକୁ ଏହି କାର୍ଯ୍ୟ ଦିଆଯାଇଥିଲା ବୋଲି କହିଥିଲେ । ଓଡିଶାର ୧୦୦ଟି ପଛୁଆ ପଞ୍ଚାୟତର ୧୦୦୦ ଗ୍ରାମକୁ ନେଇ କ୍ଷେତ୍ର ପ୍ରସ୍ତୁତ କରି ସଚେତନ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ତେବେ ଗ୍ରାମ ସଭାରେ ଅଧିକରୁ ଅଧିକ ଯୋଗ ଦେବା, ଅଙ୍ଗନବାଡି କେନ୍ଦ୍ର ତଥା ଶିକ୍ଷାନୁଷ୍ଠାନ ଆଡକୁ ଗ୍ରାମବାସୀଙ୍କୁ ମୁହାଁଇବା ଏମଜିଏନଆରଇଜିଏ ଯୋଜନାରେ ଲୋକଙ୍କ ହକ୍ ଜଣାଇବା ଭଳି କାର୍ଯ୍ୟ କରାଯାଉଥିଲା । ଏହି ଅବଧି ବର୍ତ୍ତମାନ ଶେଷ ହୋଇ ଯାଇଥିବା ସେ କହିଥିଲେ । ବିଭିନ୍ନ ଗ୍ରାମରେ ଗଠନ କରାଯାଇଥିବା ଫୋରମକୁ ଜୀବିତ ରଖିଲେ ସରକାରୀ ଯୋଜନାରେ ସ୍ୱଚ୍ଛତା ଆସି ପାରିବ ବୋଲି ସେ କହିଥିଲେ । ଅନୁଷ୍ଠାନର ତାଲିମ ସଂଯୋଜକ ମହେନ୍ଦ୍ରନାଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ସଂଯୋଜକ ପ୍ରମୋଦ ପଣ୍ଡା ମିଳିଥିବା ସୁଫଳ ବିଷୟରେ ସୂଚନା ଦେଇଥିଲେ । ଲୋକନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

*Samaj, 1.11.2018*

ପଞ୍ଚମ ବର୍ଷ | ଚତୁର୍ଥ ସଂଖ୍ୟା | ଅକ୍ଟୋବର - ଡିସେମ୍ବର, ୨୦୧୮



ରାଜ୍ୟସ୍ତରୀୟ ସୂଚନା ମଂଚ ଅଧିବେଶନରେ
୧୦ଟି ଜିଲ୍ଲାରୁ ସମ୍ମାନିତ ହୋଇଥିବା ନାଗରିକ ଚେତନା ମଂଚର ସଦସ୍ୟ ସଦସ୍ୟାଙ୍କ ସମ୍ମାନିତ




ସୂଚନା ଅଧିକାର କମିଶନର ସଦସ୍ୟା ଶ୍ରୀମତୀ ଶଶିରେଖା ବିନ୍ଧାଣୀ
ରାଜ୍ୟସ୍ତରୀୟ ସୂଚନା ଅଧିକାର ମଂଚ ବୈଠକରେ ଉଦ୍‌ବୋଧନ ଦେଉଛନ୍ତି



ଅଗ୍ରଗାମୀ-ଇ.ୟୁ. ପ୍ରକଳ୍ପ ତରଫରୁ ଗୋଷ୍ଠୀ ନିମନ୍ତେ ଉତ୍କର୍ଷ ସେବା ପ୍ରଦାନ ନିମନ୍ତେ
ଶ୍ରୀ ଏରା ପଡ଼ିଆମୀଙ୍କୁ ମାଲକାନଗିରି ଜିଲ୍ଲା ନିମନ୍ତେ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି

ଅଗ୍ରଗାମୀ -
ୟୁରୋପିୟାନ ୟୁନିୟନର
ମିଳିତ ପ୍ରକଳ୍ପ : ପଛୁଆ ଗୋଷ୍ଠୀଙ୍କର
ପୁଷ୍ଟିସାର ଓ ରୋଜଗାର ନିରାପତ୍ତା
ସମ୍ବନ୍ଧୀୟ ସୂଚନା କାର୍ଯ୍ୟକ୍ରମର

# ସୂଚନା ବାର୍ତ୍ତା

୪

ସମ୍ପାଦକ
**ଶ୍ରୀ ଅଚ୍ୟୁତ ଦାସ**
ମୁଖ୍ୟ ସମ୍ପାଦକ
**ଶ୍ରୀମତୀ ବିଦ୍ୟା ଦାସ**
ସହ ସମ୍ପାଦକ
**ଶ୍ରୀ ଲୋକନାଥ ପଣ୍ଡା**

ବୁକ୍ ପୋଷ୍ଟ

ପ୍ରାପକ :

ଅଗ୍ରଗାମୀ
ଏନ୍.ଡି.-୮, ଭି.ଆଇ.ପି. ଏରିଆ, ପୋ - ଆଇ.ଆର୍.ସି. ଭିଲେଜ୍,
ଭୁବନେଶ୍ୱର - ୭୫୧୦୧୫, ଫୋନ୍ : ୦୬୭୪-୨୫୫୧୧୨୩

( ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକ ଲେଖକଙ୍କ ନିଜସ୍ୱ ମତ । ଏଥିପାଇଁ ସଂପାଦକ ଦାୟୀ ନୁହନ୍ତି )



ମୁଦ୍ରଣ : ପେନ୍ ଏଣ୍ଡ ଇଙ୍କ୍ ପ୍ରେସ୍, B/87A ଚନ୍ଦକା ଶିଳ୍ପାଞ୍ଚଳ, ପଟିଆ, ଭୁବନେଶ୍ୱର-୨୪, ଫୋନ୍ - ୯୪୩୮୩୫୯୮୨୩ / ୮୨୪